### ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞ ସମ୍ପନ୍ନ

# ପୂର୍ଣ୍ଣାହୁତି ଦେଲେ ମୁଖ୍ୟମନ୍ତ୍ରୀ



ରାୟଗଡ଼ା,୨।୨(ସମିସ): ଗତ ଜାନୁଆରୀ ୩୧ ତାରିଖରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପି ରାୟଗଡା ସହର ସ୍ଥିତ ଜେଏସ୍‌କୋ ପଡିଆରେ ଆୟୋଜିତ ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱ ଶାନ୍ତି ଦେବ ମହାଯଜ୍ଞ ସମ୍ପନ୍ନ ହୋଇଛି। ଆଜି ଶେଷ ଦିନରେ କଡ଼ାସୁରକ୍ଷା ବଳୟ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗାଯୋଗ ଦେଇ ଯଜ୍ଞରେ ପୂଜାର୍ଚ୍ଚନା କରି ପୂର୍ଣ୍ଣାହୁତି ଦେଇଥିଲେ । ତିନି ଦିନରେ ୩ ହଜାରରୁ ଅଧିକ ଦମ୍ପତି ଯଜ୍ଞରେ ବସିଥିଲେ। ଅବିଭକ୍ତ କୋରାପୁଟ ସମେତ ଦକ୍ଷିଣ ପଶ୍ଚିମ ଓଡ଼ିଶାର ୮ଟି ଜିଲ୍ଲା ଓ ଆନ୍ଧ୍ର ପ୍ରଦେଶର ୩ଟି ଜିଲ୍ଲାର ଭକ୍ତ ମାନେ ସାମିଲ ହୋଇଥିଲେ। ମହାଯଜ୍ଞ ସମନ୍ୱୟ ସମିତିର ଆବାହକ ତଥା ମିଟସ୍ ଗ୍ରୁପର ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ଯୋଗୀଶ୍ରୀ ଚୈତନ୍ୟ ରାମଜୀ, ବିଜେପି ନେତା ୟାଲା ଭେଙ୍କେଟେଶ୍ୱର ରାଓଙ୍କ ସମେତ ବହୁ ଲୋକ ଏଥିରେ ଯୋଗଦାନ କରିଥିଲେ। ଆଜି ମୁଖ୍ୟମନ୍ତ୍ରୀ ଯୋଗ ଦେଇ ପୂର୍ଣ୍ଣାହୁତି ଦେବାର କାର୍ଯ୍ୟକ୍ରମ ରହିଥିବାରୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଯଜ୍ଞ ସ୍ଥଳ ସମେତ ରାୟଗଡା ସହରକୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ନୂଆପଡା ଜିଲ୍ଲା ସ୍ଥିତ ହରିପୁର ଗୁରୁକୁଳ ଓ ମିଟ୍‌ସ ଗ୍ରୁପ ଦ୍ୱାରା ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ସଫଳ ଆୟୋଜନ ପାଇଁ ବିଜେପି ନେତା ତଥା ରାୟଗଡ଼ା ଟ୍ରକ ମାଲିକ ସଂଘ ସଭାପତି ୟାଲା ଭେଙ୍କେଟେଶ୍ୱର ରାଓ, ବିଶ୍ୱ ସାଧନା କେନ୍ଦ୍ରର ପ୍ରମୁଖ ବାବା ଯୋଗୀ ଶ୍ରୀଚୈତନ୍ୟ ରାମଜୀ, ଯଜ୍ଞ କମିଟି ସଂଯୋଜକ କୀର୍ତ୍ତିଚନ୍ଦ୍ର ସାହୁ, ବିଦୁ୍ୟଲତା ହୁଇକା ପ୍ରଭାକର ଦୋରା, ବିଶ୍ୱଜିତ ପଣ୍ଡା, ଶ୍ରୀରାମ ପଣ୍ଡା ଓ ରାଜୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲାର ବିଭିନ୍ନ ମଠ, ମନ୍ଦିର, ସଂସ୍କୃତି ପରିଷଦ, ମହିଳା ସଂଗଠନ, ସାମାଜିକ ଅନୁଷ୍ଠାନ ଗୁଡିକ ସାମିଲ ହୋଇଥିଲେ। ଲୋକଙ୍କ ମଧ୍ୟରେ ଦିବ୍ୟ ଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯଜ୍ଞର ଆୟୋଜନ କରାଯାଇଥିଲା। ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରି, ସାମାଜିକ ସଂସ୍କାର ଆଣିବାପାଇଁ ବ୍ୟକ୍ତିର ଚରିତ୍ର ଗଠନ କରିବାରେ ଲକ୍ଷ୍ୟ ରହିଥିବା ଆବାହକ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି । ତିନି ଦିନିଆ କାର୍ଯ୍ୟକ୍ରମରେ ପ୍ରତିଦିନ ଅପରାହ୍ନରେ ଡ. ଆଚାର୍ଯ୍ୟ ସୁଦର୍ଶନ ଦେବ ମହାରାଜ ଯୋଗ ଦେଇ ବେଦ, ବେଦାନ୍ତ, ଉପନିଷଦ ସମ୍ପର୍କରେ ପ୍ରବଚନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆର୍ଯ୍ୟ ସମାଜ ଯଜ୍ଞ ପରିଚାଳନା ପ୍ରମୁଖ ଇଂ. ସୁବ୍ରତ ସାମଲ, ଗୁରୁକୁଳ ହରିପୁର ନୂଆପଡା ଆଶ୍ରମ ସଂଚାଳକ ଡ. ସୁଦର୍ଶନ ଦେବ ଆଚାର୍ଯ୍ୟ, କଳାହାଣ୍ଡି ସ୍ଥିତ ଆର୍ଯ୍ୟ ସମାଜ ସଂଚାଳକ ବାନପ୍ରସ୍ଥ ପୁରୁଷୋତ୍ତମ ମୁନି ପ୍ରମୁଖ ଯୋଗ ଦେଇ ପ୍ରବଚନ ଦେଇଥିଲେ।

# ବଜରଙ୍ଗ ଦଳ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

### ନବଜୀବନ ହଷ୍ଟେଲ ଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ



ରାୟଗଡ଼ା,୨।୨(ସମିସ): ରାୟଗଡ଼ା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ଆଜି ବାରିଝୋଲା ସ୍ଥିତ ପଦ୍ମାବତୀ ହାରିକୁପା ପାହାଡ଼ରେ ସ୍ଥାପିତ ହନୁମାନ ମନ୍ଦିର ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମନ୍ଦିର ପରିସର ସହିତ ଆଖପାଖ ଅଞ୍ଚଳରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ପଲିଥିନ ଜରି ଓ ଅନ୍ୟାନ୍ୟ ଆବର୍ଜନା ସାମଗ୍ରୀ ସଂଗ୍ରହ କରି ସମ୍ପୂର୍ଣ୍ଣ ଭାବେ ସଫା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନଙ୍କ ସହିତ ନବଜୀବନ ହଷ୍ଟେଲର ଛାତ୍ରୀମାନେ ଓ ସ୍ଥାନୀୟ ଯୁବକମାନେ ଯୋଗ ଦେଇ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ମହତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ତୋତ ସଂଗଠନର ସହଯୋଗରେ ନବଜୀବନ ହଷ୍ଟେଲର ଛାତ୍ରୀମାନଙ୍କୁ ଖାତା, କଲମ ଓ ପେନସିଲ୍ ଭଳି ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ଛାତ୍ରୀମାନଙ୍କୁ ଶିକ୍ଷା ପ୍ରତି ଉତ୍ସାହିତ କରାଯାଇଥିଲା। ଧାର୍ମିକ ସ୍ଥଳଗୁଡ଼ିକୁ ସଫା ଓ ପବିତ୍ର ରଖିବା ସମସ୍ତଙ୍କର ଦାୟିତ୍ୱ ଏବଂ ଏପରି ସ୍ୱଚ୍ଛତା ଓ ସମାଜସେବାମୂଳକ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହି କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ ଜିଲ୍ଲା ସହ ସଂଯୋଜକ ଶସ୍ୟଜ୍ୟୋତି ବେହେରା, ନଗର ସଂଯୋଜକ ଶଙ୍କର ବେହେରା, ନଗର ସହ ସଂଯୋଜକ ବି. ରାଜେଶ, ନଗର ବଳ ଉପାସନା ପ୍ରମୁଖ ଗଣେଶ ବେହେରା, ନଗର ମିଳନ କେନ୍ଦ୍ର ପ୍ରମୁଖ କାର୍ତ୍ତିକ ବେହେରା, ବିଶ୍ୱହିନ୍ଦୁ ପରିଷଦ ସହ ସମ୍ପାଦକ ଗୋପୀ ବ୍ରହ୍ମା ସହିତ ବଜରଙ୍ଗ ଦଳ ନଗର କାର୍ଯ୍ୟକର୍ତ୍ତା ଇଶ୍ୱର ବେହେରା, ଅକ୍ଷୟ ବିବାର, ଅନନ୍ତ ଗାଣ୍ଟା, ଶ୍ରୀନୁ ବେହେରା, ରାଜେନ୍ଦ୍ର ବେହେରା, ଗୋବିନ୍ଦ କୁଲସିକା, ହାସିନ ସାରକା, ଆର. ସାଇ, ନବଜୀବନ ହଷ୍ଟେଲ ଶାଖା ପରିଚାଳକ ନଳିନୀ ବିଶ୍ୱା, ବାରିଝୁଲା ହନୁମାନ ମନ୍ଦିର ସଭାପତି ସନ୍ତୋଷ ପଣ୍ଡା ଓ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଶେଷରେ ବଜରଙ୍ଗ ଦଳ ଜିଲ୍ଲା ସହ ସଂଯୋଜକ ଶସ୍ୟଜ୍ୟୋତି ବେହେରା ଧନ୍ୟବାଦ ଜଣାଇଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଲକ୍ଷ୍ମୀପୁର,୨।୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ସୋମବାର ଦିନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇ ଥିଲା। ଦିନ ଦିନଦିପହର ସୁଦ୍ଧା ୭୯ ଗୋଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୪୧ଟି ବ୍ୟକ୍ତିଗତ ଥିଲା ବେଳେ ୩୮ ସାମୂହିକ ରହିଥିଲା। ଏଥିରେ ରାସ୍ତାଘାଟ, ପାନୀୟ ଜଳ ସମସ୍ୟା ଉପରେ ଅଭିଯୋଗ ଆସିଥିଲା। ବୁର୍ଜା ଗାଁର ବସୁଧା ଯୋଜନାରେ ଏକ କୋଟି ବ୍ୟୟରେ ନିର୍ମାଣ ହୋଇଥିବା ପ୍ରକଳ୍ପ କାମରେ ଆସୁ ନ ଥିବା ଅଭିଯୋଗ ଗ୍ରାମର ମହିଳା ଓ ପୁରୁଷ ମାନେ ସାମୂହିକ ଭାବେ କରିଥିଲେ। ଏହା ସହ କାକିରିଗୁମାର କେତେକ ପଞ୍ଚାୟତରେ ସୋଲାର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ବ୍ୟକ୍ତିଗତ ଭାବେ କରାଯାଇ ଥିବା ନେଇ ଅଭିଯୋଗ ବିଧାୟକ ପବିତ୍ର ସାଉଁନ୍ତାଙ୍କ ନାମରେ ବିଜେଡ଼ି ଦଳ ତଥା ଜିଲ୍ଲା ସଭାପତି ଝିନ ହିକକା, ରାଜ୍ୟ ସାଧାରଣ ସମ୍ପାଦକ ଶଙ୍କର ସାଉଁନ୍ତା, ବ୍ଲକ୍ ସଭାପତି ବିପିନ ମାଣ୍ଡିଙ୍ଗା ସମେତ ଅନ୍ୟ ବିଜେଡ଼ି ସମର୍ଥକ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଅଭିଯୋଗ ଗ୍ରହଣ କରି ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ବିଭାଗୀୟଙ୍କୁ କରିଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ଏସ୍‌ପି ରହିତ୍ ବର୍ମା, ଉପ ଜିଲ୍ଲାପାଳ ପ୍ରେମ ଲାଲ୍ ହିଆଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ସିଡିଏମଓ ଏବଂ ଜିଲ୍ଲାର ସବୁ ଜିଲ୍ଲା ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଦିନ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ୭୯ଟି ଅଭିଯୋଗକୁ ଗ୍ରହଣ କରିଥିଲେ। ଶେଷରେ ବିଧାୟକ ପବିତ୍ର ସାଉଁନ୍ତା, ଲକ୍ଷ୍ମୀପୁର ସିଡିପିଓ ପାର୍ବତୀ ଆଚାର୍ଯ୍ୟଙ୍କ ବିରୋଧରେ ଛତୁଆ ଦୁର୍ନୀତି ଉପରେ ଜିଲ୍ଲାପାଳଙ୍କୁ ବିଡିଓଙ୍କ କକ୍ଷରେ ଅବଗତ କରାଇ ଥିଲେ। ସବୁ ବିଷୟ ଅବଗତ ହେବା ପରେ ସଠିକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏହି ଅଭିଯୋଗ ଶୁଣାଣିରେ ଅଧ୍ୟକ୍ଷା ସୁୱାଇ କୁଲେସିକା, ଉପାଧ୍ୟକ୍ଷା ଆରତୀ କୁଲଦୀପ, ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ହିମେରିକାଙ୍କ ସହ ବ୍ଲକର ସବୁ ଅଧିକାରୀ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ ହୋଇଥିଲେ।

## ସୁନାବେଡ଼ା ହାଲ କର୍ମଚାରୀଙ୍କ ଆତ୍ମହତ୍ୟା

ସୁନାବେଡ଼ା ,୨।୨(ସମିସ): ସୁନାବେଡା ସ୍ଥିତ ହାଲର କର୍ମଚାରୀ ରଙ୍କନିଧି ପ୍ରଧାନ (୫୬) ଆତ୍ମହତ୍ୟା କରିଛନ୍ତି। କ୍ୱାର୍ଟର ନମ୍ବର ବି -୪୭ରେ ଘର ପଙ୍ଖାରେ ଚୁନି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କର ୨ ଝିଅ ହାଇଦ୍ରାବାଦରେ ଚାକିରି କରୁଛନ୍ତି । ତାଙ୍କର ଧର୍ମ ପତ୍ନୀ ତାଙ୍କ ଝିଅ ପାଖକୁ ଯାଇଛନ୍ତି। ଗତ ଶନିବାର ଠାରୁ ରଙ୍କନିଧି ପ୍ରଧାନଙ୍କୁ ତାଙ୍କ ପତ୍ନୀ ଫୋନ୍ କରିଥିଲେ । କିନ୍ତୁ ସେ କଲ ଉଠାଇ ନଥିଲେ। ତେଣୁ ବାଧ୍ୟ ହୋଇ ସେ ହାଲର ସୁରକ୍ଷା କର୍ମୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସୋମବାର ଦିନ ଅଢେଇଟାରେ ସୁରକ୍ଷା କର୍ମୀ ମାନେ କ୍ୱାର୍ଟର୍ସ ନଂ ବି - ୪୭ ଯାଇ ଘରର ଝରକା ଦେଇ ଦେଖିବା ବେଳେ ଶ୍ରୀ ପ୍ରଧାନ ପଙ୍ଖାରେ ଚୁନି ଲଗାଇ ଆତ୍ମହତ୍ୟା କରିଥିବା ଦେଖାଯାଇଥିଲା। ହାଲ ସୁରକ୍ଷା କର୍ମୀ ସଙ୍ଗେ ସଙ୍ଗେ ସୁନାବେଡ଼ା ପୁଲିସ ଜଣାଇଥିଲେ। ତାଙ୍କ ପରିବାର ଲୋକଙ୍କ ଉପସ୍ଥିତରେ ଘରର କବାଟ ଭଙ୍ଗା ଯାଇ ମୃତଦେହ ଉଦ୍ଧାର କରାଯିବ ବୋଲି ଜଣାଯାଇଛି।

# ଅଗ୍ନି ଉତ୍ସବ ପାଳିତ





ଦାମନଯୋଡି/ ସେମିଳିଗୁଡା , ୨।୨ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡିରେ ନାଲକୋ ସେକ୍ଟର୍ ୧ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଟିଚରସ୍ କଲୋନୀରେ ରବିବାର ରାତିରେ ମାଘ ପୂର୍ଣ୍ଣିମା ତଥା ଅଗ୍ନି ଉତ୍ସବ ପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ପରିଚାଳନ ସମିତିର ସମ୍ପାଦକ ଡଃ ଚିତ୍ତରଂଜନ ମିଶ୍ର, ସ୍ନିଗ୍ଧା ମିଶ୍ର, ଚନ୍ଦ୍ରମୋହନ ମହାନ୍ତ, ପ୍ରଶାନ୍ତ କୁମାର ମହାରଣା ଅତିଥି ଭାବେ ଯୋଗଦେଇ ପୂର୍ବରୁ ପ୍ରସ୍ତୁତ ଛଣ, କୁଟା ଓ କାଠରେ ଅଗ୍ନି ସଂଯୋଗ କରିଥିଲେ। ଅଗ୍ନି ସଂଯୋଗ ପୂର୍ବରୁ ସମସ୍ତଙ୍କ ଶରୀର ସୁସ୍ଥ ଓ ନିରୋଗ ରହିବା ନିମନ୍ତେ ପୂଜା ଅର୍ଚ୍ଚନା କରଯାଇଥିଲା। ଡଃ ରାଜେନ୍ଦ୍ର କୁମାର ପଣ୍ଡା ପୂଜା ଅର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ। ଫସଲ ଅମଳ ପରେ ପରେ ଚାଷ ଜମି ସଫା କରି ପରିବେଶ ସଫାସୁତୁରା କରିବା ସହ ଆଗାମୀ ନୂତନ ଚାଷ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିବା ଓ ଶୀତ ଋତୁକୁ ବିଦାୟ ଦେବାସହ ବସନ୍ତ ଆଗମନକୁ ସ୍ୱାଗତ କରିବା ପାଇଁ ଓଡ଼ିଆ ମାନେ ଅଗିରା ପୂର୍ଣ୍ଣିମା ମହାସମାରୋହରେ ପାଳନ କରୁଥିବା କୁହାଯାଇଥିଲା। ଭକ୍ତମାନେ ନିଜ ମନସ୍କାମନା ପୂରଣ ନିମନ୍ତେ ବିଭିନ୍ନ ପ୍ରକାରର ପନିପରିବା ଓ ନଡ଼ିଆ ଆଦି ଅଗ୍ନିରେ ପୋଡିଥିଲେ। ଏହି କାର୍ଯ୍ୟକ୍ରମକୁ ମଧୁସୂଦନ ପଣ୍ଡା, ଅରୁଣ ଓଝା, ପ୍ରଦୀପ କୁମାର ଜଗତି, ଡା. ଗୋଧୂଳି ଦୋରା, କଲ୍ୟାଣୀ ଦାସ,ରାଜୀବ ନାୟକ, ପୁଷ୍ପାଞ୍ଜଳୀ ପଣ୍ଡା, ରବୀନ୍ଦ୍ର ସାହୁ, ଡଃ ରମେଶ ସ୍ୱାଇଁ, ପ୍ରତାପ ମିଶ୍ର, ମନୋରଞ୍ଜନ ମିଶ୍ର, ନାରାୟଣ ସାହୁ, ହେମନ୍ତ ରାଉତରାୟ, ବି ଜଗନ୍ନାଥ, ବରଦା ଓଝା ଓ ସୌମ୍ୟରଞ୍ଜନ ବେଉରା, ଭବାନୀ , ବିବେକାନନ୍ଦ, ଚନ୍ଦନ ରଚନା ଓ ସ୍ମୃତି ପରିଚାଳନ କରିଥିଲେ। ଲୋପପାଇବାକୁ ଯାଉଥିବା ଓଡ଼ିଆ ପରମ୍ପରା, ଉତ୍ସବ ଓ ସଂସ୍କୃତିକୁ କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ଶିକ୍ଷକ ସମାଜ ଦ୍ୱାରା ବଜାୟ ରଖିବା ଲାଗି ପ୍ରୟାସ କରାଯାଇଥିବା ଉଦ୍ୟମକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି।

● ପରେଡ୍ ସାରି ଦିଲ୍ଲୀରୁ ଫେରିଲେ କଲେଜ ଛାତ୍ର

# କିରଣଙ୍କୁ ସମ୍ବର୍ଦ୍ଧନା ଦେଲେ ବିଧାୟକ



କୁନ୍ଦୁରା, ୨।୨(ସମିସ): କୁନ୍ଦୁରା ଠାରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଛାତ୍ର କିରଣ ଦୋରାଙ୍କୁ ସମ୍ବର୍ଦ୍ଧନା କଲେ କୋଟପାଡ଼ ବିଧାୟକ ରୂପୁ ଭତ୍ରା। ସେ କର୍ତ୍ତବ୍ୟ ପଥରେ ପରେଡ କରି ଫେରିବା ପରେ ଆଜି କୁନ୍ଦୁରାରେ ବିଧାୟକଙ୍କ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ସାଧାରଣତନ୍ତ୍ର ଦିବସ ଅବସରରେ କର୍ତ୍ତବ୍ୟ ପଥରେ ପରେଡ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରୁ ପ୍ରଥମ ଥର ପାଇଁ ମନୋନୀତ ହୋଇଥିଲେ। ଉପାନ୍ତ ବାଗଦେରୀ ଅଞ୍ଚଳରୁ ଜଣେ ଯୁକ୍ତ ତିନି ଛାତ୍ର ଦିଲ୍ଲୀ ସ୍ଥିତ ଲାଲ କିଲ୍ଲାରେ ପରେଡ ସାରି ଫେରିବା ସମୟରେ କୋଟପାଡ଼ ବିଧାୟକ ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦେଇଛନ୍ତି। ସାଧାରଣତନ୍ତ୍ର ଦିବସ ପରେଡ ପରେ ରାଷ୍ଟ୍ରପତି ଭବନ, ଉପ ରାଷ୍ଟ୍ରପତି ଏବଂ ଖେଳମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ମିଳିଥିବା କହିଛନ୍ତି କିରଣ। ସମ୍ବର୍ଦ୍ଧନା ସମୟରେ ଅମ୍ମୁ ପାତ୍ର, ଅଭିଲାଷ ବେହେରା, ସୁନ୍ଦର ମାଳି,ଭଗବାନ ପଣ୍ଡା, ତ୍ରିନାଥ ନାୟକ, ପଦ୍ମନାଭ ବିଷୋୟୀ,ବେଣୁଧର ପାତ୍ର, ପ୍ରକାଶ ପଟ୍ଟନାୟକ ଓ ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମା'ର ମତ୍ୟୁ ପରେ ମୁହଁ ଚାହିଁଲେନି ପୁଅ ଝିଅ

ପୋଡ଼ାଗଡ଼,୨।୨ (ସମିସ); ମା'ର ଶେଷକୃତ୍ୟରେ ଉପସ୍ଥିତ ହେଲେନାହିଁ ନିଜର ପୁଅ ଝିଅ। ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ ନିକଟରେ। ଦୀର୍ଘ ବର୍ଷ ଧରି ବସବାସ କରୁଥିବା ଜଣେ ଧୋବା ଜାତିର ବିଧବା ମହିଳାଙ୍କ ଚାଲିଗଲା ଜୀବନ। ହେଲେ ମିଳିଲାନି ଜନ୍ମ କଲା ପୁଅ ଝିଅର କାନ୍ଧ। ପୁଅ ଝିଅ ବାହା ହୋଇ ଅନ୍ୟତ୍ର ଚାଲିଗଲେ। ଏକୁଟିଆ ହୋଇ ପର ଘରେ କାମ କରି ଜୀବନ ଅତିବାହିତ କରୁଥିଲେ ମହିଳା ଜଣଙ୍କ। କିଛି ଦିନେ ତଳେ ଅସୁସ୍ଥ ହେବାରୁ ତାଙ୍କ ଜାତିର ଜଣେ ଭଉଣୀ ତାଙ୍କୁ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ଚାଲିଥିବା ବେଳେ ତାଙ୍କର ଦେହାନ୍ତ ହୋଇଥିଲା। ବିଧବା ମହିଳା ଜଣକ ହେଉଛନ୍ତି ରାଜେଶ୍ୱରୀ ନାୟକ। ତାଙ୍କର ଦେହାନ୍ତ ପରେ ପୁଅ ମୁନା ନାୟକଙ୍କୁ ଖବର ଜଣାଇବାରୁ ସେ ବିଶାଖାପାଟଣାରେ ଚିକିତ୍ସା ହେଉଥିବା ଫୋନ ଯୋଗେ ଜଣାଇଥିଲେ ଏବଂ ମା'ଙ୍କ ଶେଷକୃତ୍ୟର ପହଞ୍ଚି ପାରିବେ ନାହିଁ ବୋଲି କହିଥିଲେ। ତେବେ ଦଶମନ୍ତପୁର ସତ୍ୟ ସାଇ ସେବା ସଂଗଠନ, ସେବା ଦଳ, ସମାଜସେବୀ ଏକତ୍ରିତ ହୋଇ ରାଜେଶ୍ୱରୀ ନାୟକଙ୍କ ଶେଷକୃତ୍ୟ ପେଡିସିଲ ପୋଲ ତଳ ମୁହାଣରେ ସମ୍ପନ୍ନ କରିଥିଲେ। ମୁର୍କାର ଗ୍ରାମରେ ରହୁଥିବା ଜଣେ ଧୋବା ସମ୍ପ୍ରଦାୟର ବ୍ୟକ୍ତି ତାଙ୍କୁ ମୁଖାଗ୍ନି ଦେଇଥିଲେ।

# ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ



ନବରଙ୍ଗପୁର / ରାଇଘର,୨।୨(ସମିସ): ନବରଙ୍ଗପୁର ଜିଲ୍ଲା ଉପାନ୍ତ ରାଇଘର ମୁଖ୍ୟ ଦପ୍ତର ତହସିଲ କାର୍ଯ୍ୟାଳୟ ଠାରେ ଆଜି ଓଡ଼ିଶା ସରକାରଙ୍କ ଜନହିତକାରୀ ବସୁନ୍ଧରା ଯୋଜନା ଅନ୍ତର୍ଗତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ନିଜ କରକମଳରେ ଭୂମିହୀନ ପରିବାରମାନଙ୍କୁ ଜମିର ପଟ୍ଟା ପ୍ରଦାନ କରିଥିଲେ। ଏହି ଯୋଜନା ମାଧ୍ୟମରେ ଭୂମିହୀନ ଲୋକମାନେ ନିଜସ୍ୱ ଜମିର ଆଇନଗତ ଅଧିକାର ପାଇ ଖୁସି ପ୍ରକାଶ କରିଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡ ଓଡ଼ିଶା ସରକାରଙ୍କ ଲୋକକଲ୍ୟାଣମୁଖୀ ନୀତି ବିଷୟରେ ଆଲୋକପାତ କରି ଭୂମିହୀନଙ୍କୁ ସଶକ୍ତ କରିବାରେ ବସୁନ୍ଧରା ଯୋଜନାର ଗୁରୁତ୍ୱ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ରାଇଘର ତହସିଲଦାର ରିତୁ ସିଂ ଓ ସମସ୍ତ କର୍ମଚାରୀ ଯୋଗଦେଇ ଏହି ସରକାରୀ ଯୋଜନାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟା ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ହିତାଧିକାରୀ ମାନଙ୍କୁ ମଧ୍ୟ ବଣ୍ଟନ କରାଯିବାର ଯୋଜନା ରହିଛି ବୋଲି ମନ୍ତ୍ରି କହିଛନ୍ତି।

# ଠିକାଦାର ସଂଘର କର୍ମକର୍ତ୍ତା ନିର୍ବାଚିତ



କୋଟପାଡ଼,୨।୨ (ସମିସ):

କୋଟପାଡ ସହର ଅନ୍ତର୍ଗତ ବ୍ରାହ୍ମଣ ଦେଇ ମନ୍ଦିର ପରିସରରେ ଅଞ୍ଚଳର ବିଓସି ଠିକାଦାରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ନୂତନ ସଂଘ ଗଠନ କରାଯାଇଛି। ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସଂଘର ପଦାଧିକାରୀଙ୍କ ନାମ ଘୋଷଣା କରିଥିଲେ। ପ୍ରଶାନ୍ତ ପଟ୍ଟନାୟକ ସଂଘର ସଭାପତି ରୂପେ ନିର୍ବାଚିତ ହୋଇଥିବା ବେଳେ ସୁରେନ ମହାନ୍ତି ଉପସଭାପତି , ଗୁପ୍ତ ସ୍ୱାଇଁ ସମ୍ପାଦକ , ବିଜୟ ମାଦଳା ଯୁଗ୍ମ ସମ୍ପାଦକ , କିରଣ ପଟ୍ଟନାୟକ କୋଷାଧ୍ୟକ୍ଷ ଏବଂ ରାକେଶ ନାୟକ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତୁଷାର ବିଶୋଇ , ବିକାଶ ପଟ୍ଟନାୟକ , ବନାର୍ଜୀ ରାଓ , ସନ୍ତୋଷ ମିଶ୍ର ଓ ଇଶ୍ୱର ମହାନ୍ତିଙ୍କୁ ସଂଘର କାର୍ଯ୍ୟକାରୀ ସଭ୍ୟ ଭାବେ ନିର୍ବାଚିତ କରାଯାଇଥିଲା। ବରିଷ୍ଠ ଠିକାଦାର ଉମେଶ ବ୍ରହ୍ମା , ତପନ ମହାପାତ୍ର ଓ ସୁନୀଲ କୁମାର ଦାଶଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିବା ବେଳେ, ଆଇନଜିବି ଶ୍ରୀମନ୍ତ କୁମାର ପଣ୍ଡାଙ୍କୁ ସଂଘର ଆଇନ ପରାମର୍ଶଦାତା ଭାବେ ଘୋଷଣା କରାଯାଇଥିଲା। ସ୍ଥାନୀୟ ଠିକାଦାର ନିଜ ଅଞ୍ଚଳର ବିକାଶ ପାଇଁ ନିଜ ଭାଗୀଦାରୀ ଦେଇ କାମର ମାନକୁ ଉନ୍ନତ କରିବା ପାଇଁ ନିଷ୍ପତି ହୋଇଥିବା ବେଳେ ବାହାର ଠିକାଦାରଙ୍କୁ ଅଞ୍ଚଳରେ କାମ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ ବୋଲି ନିଷ୍ପତି ନିଆଯାଇଛି ।

# କୁନ୍ଦୁରାରେ ମାଣ୍ଡିଆ ମଣ୍ଡି ଶୁଭାରମ୍ଭ


 କୁନ୍ଦୁରା, ୨।୨ (ସମିସ): କୁନ୍ଦୁରା ସଦର ମହକୁମା ସ୍ଥିତ ଚେଣ୍ଡିଆ ଝିଲିଗାଁ ଠାରେ କୋଟପାଡ଼ ବିଧାୟକଙ୍କ ଦ୍ୱାରା ମାଣ୍ଡିଆ ମଣ୍ଡି ଶୁଭ ଉଦ୍‌ଘାଟନ ହୋଇଯାଇଛି। ମାଣ୍ଡିଆ ମଣ୍ଡି ଶୁଭାରମ୍ଭ କରି ପାଖରେ ରଖାଯାଇଥିବା ମାଣ୍ଡିଆ ଗୁଡିକ ବୁଲି ଦେଖିଥିଲେ ସେ । ସରକାରଙ୍କ ପକ୍ଷରୁ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୪୮୮୬ ଟଙ୍କା ମିଳୁଥିବା ବେଳେ ଜଣେ ଚାଷୀ ମାଣ୍ଡିଆ ଚାଷ କରି କିଛିଟା ଲାଭବାନ ହୋଇପାରୁଛି ବୋଲି ବିଧାୟକ କହିଛନ୍ତି।



କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଶ୍ରୀ ଅନ୍ନ ଯୋଜନାରେ କୁନ୍ଦୁରା ବାମନଦେଇ ପ୍ରଡ୍ୟୁସର କମ୍ପାନୀ ଦ୍ୱାରା ଏଠାରେ ଚାଷୀଙ୍କ ମାଣ୍ଡିଆ କ୍ରୟ କରାଯାଉଛି। ଶୁଭାରମ୍ଭ ସମୟରେ ଏହି ମହିଳା ସ୍ୱୟଂ ସହାୟକ ସଂଘ ବାମନ ଦେଇ ପକ୍ଷରୁ ୪ ଜଣ ଚାଷୀଙ୍କ ଠାରୁ ୭୮ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି। ଏଠାରେ ୧୨୦୦ ଚାଷୀଙ୍କର ପଞ୍ଜୀକରଣ ହୋଇଥିବା ବେଳେ ୯୦୦ ଜଣ ଚାଷୀଙ୍କର ଟୋକନ ବାହାରିଥିବା ଜଣାପଡିଛି। ମାଣ୍ଡିଆ ରାଣୀ ଡକ୍ଟର ରାଇମତି ଘିଉରିଆ ଙ୍କ ପ୍ରଚେଷ୍ଟା ବଳରେ ଜିଲ୍ଲା, ରାଜ୍ୟ, ଦେଶରେ ଏଠାକାର ମାଣ୍ଡିଆର ଚାହିଦା ବୃଦ୍ଧି ପାଉଥିବା ଯୋଗୁଁ ଏଠାକାର ବଜାର ବୃଦ୍ଧି ନେଇ ସରକାର ଚେଷ୍ଟା କରୁଥିବା ବିଧାୟକ କହିଛନ୍ତି। ଏହାକୁ ନେଇ ଆସନ୍ତା ୪ ତାରିଖ ବୁଧବାର ଦିନ କୃଷି ସଚିବ ଅରବିନ୍ଦ ପାଢ଼ୀ କୁନ୍ଦୁରା ଗସ୍ତ ରହିଥିବା ନେଇ ସୂଚନା ମିଳିଛି। ମାଣ୍ଡିଆ ରାଣୀ ଅକ୍ଲାନ୍ତ ଉଦ୍ୟମ ପରେ କୁନ୍ଦୁରା ଅଞ୍ଚଳ ମାଣ୍ଡିଆ ସଂଗ୍ରହ, ମାଣ୍ଡିଆ ଚାଷ, ମାଣ୍ଡିଆ ଗଛିତ କରିବାର ହବ ପାଲଟିବ ବୋଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତରଣୀସେନ ବିଷୋୟୀ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ ଅଇନି ବିଷୋୟୀ, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ,ସରପଞ୍ଚ ଲବ ପରଜା, ୱାସନ ଜିଲ୍ଲା ସଂଯୋଜକ ଦିବ୍ୟ ଜୀବନ ପଣ୍ଡା, ବ୍ଲକ ଓଡିଶା ମିଲେଟ ମିଶନ ଅଧିକାରୀ ପ୍ରତାପ ଚନ୍ଦ୍ର ଜେନା, ଅନିରୁଦ୍ଧ ବାରିକ, ଅନ୍ତର୍ଯ୍ୟାମୀ ବିଷୋୟୀ, ଅଭିଲାଷ ବେହେରା, ପଦ୍ମନାଭ ବିଷୋୟୀ, ତ୍ରିନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମୁଣ୍ଡ ଉପରେ ମାଟ୍ରିକ୍ ପରୀକ୍ଷା

# ୧୮ ହାଇସ୍କୁଲରେ ପ୍ରଧାନଶିକ୍ଷକ ପଦବୀ ଖାଲି




ବୈପାରୀଗୁଡ଼ା,୨।୨ (ସମିସ): ବୈପାରୀଗୁଡା ବ୍ଲକରେ ମୁରବୀବିହୀନ ହୋଇ ପଡ଼ିଛି ଉଚ୍ଚ ବିଦ୍ୟାଳୟ ଗୁଡିକ । ପ୍ରଧାନ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ସ୍କୁଲ ଜଗୁଆଳ ପର୍ଯ୍ୟନ୍ତ ଖାଲି ପଡ଼ିଛି ଅନେକ ପଦବୀ। ଏବେ ମୁଣ୍ଡ ଉପରେ ମାଟ୍ରିକ ପରୀକ୍ଷା। ପ୍ରଧାନ ଶିକ୍ଷକ ନଥିବା ହାଇସ୍କୁଲ ଗୁଡ଼ିକରେ କେମିତି ପରିଚାଳନା ହେଉଥିବ ମାଟ୍ରିକ ପରୀକ୍ଷା ସେନେଇ ଶିକ୍ଷକ ଓ ଅଭିଭାବକ ସଂଘ ପ୍ରଶ୍ନ ଉଠାଇଛନ୍ତି। ବୈପାରୀଗୁଡା ବ୍ଲକରେ ୧୯ଟି ହାଇସ୍କୁଲ ରହିଥିବାବେଳେ କେବଳ ବାଲିଗାଁ ଏସଏସଡି ହାଇସ୍କୁଲ ଛାଡିଦେଲେ ବଳକା ସମସ୍ତ ଉଚ୍ଚ ବିଦ୍ୟାଳରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି । ସହ ଶିକ୍ଷକଙ୍କ ଭରସାରେ ଚାଲିଛି ଉଚ୍ଚ ବିଦ୍ୟାଳୟ ପରିଚାଳନା । ଆଉ କେଉଁଠି ହିନ୍ଦୀ ଶିକ୍ଷକ ଗଣିତ ପଢାଉଛନ୍ତି ତ ଆଉ କେଉଁଠି ବିଜ୍ଞାନ ଶିକ୍ଷକ ସାହିତ୍ୟ ପଢାଉଛନ୍ତି। ଏପରି ବିକଳ ସ୍ଥିତି ଦେଇ ଗତି କରୁଛି ବୈପାରୀଗୁଡା ବ୍ଲକ ଶିକ୍ଷା ବ୍ୟବସ୍ଥା। କାରଣ ମରୁବୀବିହୀନ ଭାବେ ଚାଲିଛି ହାଇସ୍କୁଲ। ଖାଲି ପଡ଼ିଛି ୧୮ ଟି ପ୍ରଧାନ ଶିକ୍ଷକ ପଦବୀ। ଖାଲି ଯେ, ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି, ତାହା ନୁହେଁ ବରଂ ଅନେକ ସହକାରୀ ଶିକ୍ଷକ, କ୍ଲର୍କ, ପିଅନ, ନାଇଟ୍ ୱାଚମ୍ୟାନ ପଦ ମଧ୍ୟ ଖାଲି ପଡ଼ିଛି। ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ବିକାଶ, ଶିକ୍ଷାନୁଷ୍ଠାନର ଉନ୍ନତି ଏବଂ ସର୍ବୋପରି ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ବୈପାରୀଗୁଡା ବ୍ଲକରେ ୧୮ଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ସହ ଶିକ୍ଷକ ଅଭାବ ସମସ୍ୟାର ସମାଧାନ କେବେ ହେବ ସେ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ସ୍ଥାନୀୟ ବିଇଓ ସୁକାନ୍ତ କର୍ତ୍ତମୀଙ୍କୁ ପଚାରବାରୁ ସେ କହିଛନ୍ତି, ଏ ସମସ୍ୟା ବିଷୟରେ ଡିଇଓ ଅବଗତ ଅଛନ୍ତି, ଶିକ୍ଷକ ପଦବୀ ପୂରଣ ହେଲେ ଏସବୁ ସମସ୍ୟା ସମାଧାନ ହେବ।

ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

# ସ୍ଥାନୀୟ ନିଯୁକ୍ତି ନ ଦେଲେ ଶିକ୍ଷାନୁଷ୍ଠାନକୁ ଏନ୍‌ଓସି ନାହିଁ : ମୁଖ୍ୟମନ୍ତ୍ରୀ





ରାୟଗଡ଼ା,୨।୨(ସମିସ): ରାୟଗଡ଼ା ସହରର ଜେଏସ୍‌କୋ ପଡିଆରେ ସୁଭଦ୍ରା ଶକ୍ତି ମେଳା-୨୦୨୬କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା ପାଇଁ ୬୦୦କୋଟିରୁ ଅଧିକ ଟଙ୍କାର ୧୦୯ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ଓ ଶୁଭାରମ୍ଭ ମଧ୍ୟ କରାଯାଇଛି।ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହିଳା ସଶକ୍ତିକରଣ କ୍ଷେତ୍ରରେ ସାରା ରାଜ୍ୟରେ ରାୟଗଡ଼ା ଜିଲ୍ଲା ଉଦାହରଣ ପାଲଟିଛି ବୋଲି କହିଛନ୍ତି। ଜିଲ୍ଲାରେ ୯୩୩୫ଗୋଟି ଏସଏସଜି ପାଇଁ ୧୪କୋଟି ଟଙ୍କାର ରିଭଲଭିଙ୍ଗ ଫଣ୍ଡ, ୧୬୪ଗୋଟି ଜିପିଏଲଏଫକୁ ୫୩.୧୪କୋଟି ଟଙ୍କାର ପାଣ୍ଠି, ୪୧୯୫ଟି ଏସଏସଜିକୁ ୩୭.୫୫କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଜିଲ୍ଲାରେ ୧୨,୭୮୩ଟି ଏସଏଚଜି ଜରିଆରେ ୧.୫୨ଲକ୍ଷରୁ ଅଧିକ ମା'ଓ ଭଉଣୀମାନେ ସଂଗଠିତ ହୋଇ ନିଜ ପାଇଁ ସୁନ୍ଦର ଭବିଷ୍ୟତ ଗଢୁଛନ୍ତି। ଶୁଭାରମ୍ଭ ହୋଇଥିବା ୧୦୯ ପ୍ରକଳ୍ପରେ ସଡକ, ସେତୁ, ସ୍ୱାସ୍ଥ୍ୟ ସେବା, ବିଦ୍ୟାଳୟ, ମହିଳା ସଶକ୍ତିକରଣ ଭଳି ଅନେକ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ଥିବା ସେ କହିଛନ୍ତି। ଏଥିସହ ସେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରର ରୂପାନ୍ତରକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ୩୭କୋଟି ଟଙ୍କାର ବିନିଯୋଗ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସୁଭଦ୍ରା ଶକ୍ତି ମେଳା ମଞ୍ଚରେ ଉପସ୍ଥିତ ରାୟଗଡ଼ାଜିଲ୍ଲାର ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ନିଜ ନିଜ ନିର୍ବାଚନୀ ମଣ୍ଡଳିରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଏବଂ ଚାଷୀ ଏବଂ ଜଳସେଚନ ବ୍ୟବସ୍ଥା ଉପରେ ବିଭିନ୍ନ ଦାବି କରିଥିଲେ। ସମସ୍ତ ମୌଳିକ ଅଧିକାର ବ୍ୟବସ୍ଥାର ସୁଦୃଢୀକରଣ ଏବଂ ରାୟଗଡ଼ାରେ ମେଡିକଲ କଲେଜ ସ୍ଥାପନା ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରଧୀନ ରହିଛି, ଯାହା ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା ବେଳେ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଥିଲେ। ଖଣି ଖାଦାନ ଭରା ରାୟଗଡ଼ା ମାଟିରେ ଉତ୍କଳ ଆଲୁମିନା, ଆଦିତ୍ୟ ବିର୍ଲା ଆଲୁମିନା, ଇମ୍ପା, ଜେକେ ପେପର ମିଲ, ବେଦାନ୍ତ, ହିଣ୍ଡାଲ୍‌କୋ ଭଳି ଶିଳ୍ପାନୁଷ୍ଠାନ ରହିଛି। ଏଥିସହ ସୁଦୃଢ ରେଳ ଭିତିଭୂମି ଯୋଗୁଁ ରାୟଗଡ଼ା ଅଞ୍ଚଳ ଖୁବ ଶୀଘ୍ର ଏକ ଆଧୁନିକ ଶିଳ୍ପାଞ୍ଚଳରେ ପରିଣତ ହେବ ବୋଲି ସେ କହିଥିଲେ। ଆଗାମୀ ଦିନରେ ହିଣ୍ଡାଲ୍‌କୋ ୧୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏହାର ସଂପ୍ରସାରଣ କରିବ। ୨୫ ହଜାର କୋଟି ଟଙ୍କା ନିବେଶରେ ବେଦାନ୍ତ ଆଲୁମିନା ରିଫାଇନେରୀ, ୭୬୫୩ କୋଟି ଟଙ୍କା ବିନିଯୋଗରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ, ଆଦିତ୍ୟ ବିର୍ଲା ପକ୍ଷରୁ ଟିକିରି ଠାରେ ୧୧୪କୋଟି ଟଙ୍କାରେ ଲାଇଫ୍ ଷ୍ଟାଇଲ ବ୍ରାଣ୍ଡର କମ୍ପାନୀ, ଇମ୍ପା ଥେରୁବାଲି ଠାରେ ୧୪୦କୋଟି ଟଙ୍କାର ପ୍ରକଳ୍ପ, ୪୧,୬୫୩କୋଟି ଟଙ୍କାରେ କଳିଙ୍ଗ ଆଲୁମିନା ଲିମିଟେଡ ଆଦାନୀ ଗ୍ରୁପର ପ୍ରକଳ୍ପ, ୮୬୪କୋଟି ଟଙ୍କାରେ ପ୍ରିମିୟମ ଏକ୍ସକ୍ଲୋଜିଭ ଲିମିଟେଡ୍, ରାୟଗଡା ପ୍ରକଳ୍ପ, କୋଲନରାରେ ରେନ୍ୟୁ ଇଫୁଏଲସ ପ୍ରାଇଭେଟ ଲିମିଟେଡ୍ ଗ୍ରୀନ୍ ହାଇଡ୍ରୋଜେନ ପ୍ରକଳ୍ପ, ୯ହଜାର କୋଟିର ଗ୍ରୀନ ମେଥାନଲ ପ୍ରକଳ୍ପ, ଇମ୍ପାରେ ୧୪୦କୋଟି ବିନିଯୋଗରେ ଗ୍ରେନ ବେସଡ ଇଥାନଲ କାରଖାନା ଭଳି ଅନେକ ପ୍ରକଳ୍ପ ରାୟଗଡ଼ା ଜିଲ୍ଲାରେ ପ୍ରତିଷ୍ଠା ପାଇବାକୁ ଯାଉଛି। ଫଳରେ ଜିଲ୍ଲାରେ ୧ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କାର ଖର୍ଚ୍ଚ ହୋଇ ୩୨ହଜାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ ଏବଂ ରାୟଗଡ଼ା ଜିଲ୍ଲାର ଅର୍ଥନୀତି ବୃଦ୍ଧି ପାଇ ଓଡିଶାର ଏକ ନମ୍ବର ଜିଲ୍ଲା ଭାବେ ପରିଗଣିତ ହେବ। ଏସବୁ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ଯୋଗ୍ୟତାଭିତ୍ତିକ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ପ୍ରାଥମିକତା ରଖିବା ପାଇଁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଶିକ୍ଷିତ ଯୁବକଯୁବତୀ ନିଯୁକ୍ତି ନ ପାଇଲେ ଶିଳ୍ପାନୁଷ୍ଠାନକୁ ଏନ୍‌ଓସି ପ୍ରଦାନ କରାଯିବ ନାହିଁ ବୋଲି ସେ କହିଛନ୍ତି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଡ.କନୱାର ବିଶାଳ ସିଂ, ଏସ୍‌ପି ସ୍ୱାତୀ ଏସ.କୁମାର, ଅତିରିକ୍ତ ଜିଲ୍ଲା ଏସପି ଅମୂଲ୍ୟ ଧରଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ଆଇନଶୃଙ୍ଖଳା ରକ୍ଷା କରିଥିଲେ। ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନିହାର ରଂଜନ କହଁର, ନବୀନ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ରମେଶ ଜେନା, ଅଭିଷେକ୍ ଦିଲ୍ଲୀପ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ବିଜେପି କମିଟିର ସମସ୍ତ ନେତୃମଣ୍ଡଳି, କାର୍ଯ୍ୟକର୍ତ୍ତାମାନଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ପୁଣି ରାୟଗଡ଼ାରେ ମେଡିକାଲ କଲେଜ ଆଶା ମଉଳିଲା

● ଖୋଲୁନି କୈଳାଶ ଚନ୍ଦ୍ର ସାହୁଙ୍କ ହତ୍ୟା ରହସ୍ୟ

# ଘଟଣାର ପର୍ଦ୍ଦାଫାଂସ ପାଇଁ ପୁଲିସର ତନାଘନା

ବିଷମ କଟକ,୨।୨(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ସଦର ଥାନା ବ୍ରାହ୍ମଣ ସାହି ନିବାସୀ କୈଳାସ ଚନ୍ଦ୍ର ସାହୁଙ୍କୁ ଗତ ଶୁକ୍ରବାର ଦିନ ନିଜ ବାସଭବନରେ ନୃଶଂସ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡକୁ ୪ ଦିନ ବିତିଥିଲେ ମଧ୍ୟ ପୁଲିସ ଏହାର ରହସ୍ୟ ଉନ୍ମୋଚନ କରି ପାରିନାହିଁ। ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଘଟଣା ସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି। ଏଥିସହି ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ହତ୍ୟାକାରୀଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି। ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍‌ର ସହାୟତ ନେଇ ଘଟଣା ସ୍ଥଳର ରକ୍ତ ନମୁନା ସାଙ୍ଗକୁ ବିଭିନ୍ନ ସ୍ଥାନରୁ ଫିଙ୍ଗର ପ୍ରିଣ୍ଟ



ସଂଗ୍ରହ କରିବା ସହ ମୃତ ସାହୁଙ୍କ ମୋବାଇଲ୍‌ର କଲ ରେକର୍ଡକୁ ଯାଞ୍ଚ କରାଯାଇଛି। ତାଙ୍କ ସହ ଯୋଗାଯୋଗରେ ରହିଥିବା ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଉଛି। ହତ୍ୟା ସନ୍ଦେହରେ ଯେଉଁମାନେ ରହିଛନ୍ତି ସେମାନଙ୍କୁ ଜେରା କରାଯାଉଛି। ବର୍ତମାନ ସୁଦ୍ଧା ୧୧ ଜଣଙ୍କ ଫିଙ୍ଗର ପ୍ରିଟ୍ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ସହ ସେମାନଙ୍କ ବୟାନ୍ ରେକର୍ଡ କରିଛି। ସ୍ୱର୍ଗତ ସାହୁଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷ କୃତ୍ୟ ସମ୍ପନ୍ନ କରି ପରିବା ଲୋକେ ଗତକାଲି ରାତିରେ ବିଷମ କଟକ ପହଞ୍ଚିଛନ୍ତି। ଆଜି ବିଷମ କଟକ ଥାନା ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ହରିହର ବଳଦେବା ଟୁଡୁ, ଡ. ସୁମନ୍ ସିଂ, ଡ. ଜୀବନ ଜ୍ୟୋତି ବେହେରା, ଥାନା ଏସ୍‌ଆଇ ଅଶୋକ କୁମାର ପାଢୀ ତାଙ୍କ ବାସଭବନକୁ ଯାଇ ହତ୍ୟାକାଣ୍ଡ ଘଟିଥିବା ଘରର ପାରିପାର୍ଶ୍ୱରିକ ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣା ସଂକ୍ରାନ୍ତରେ ଦୁଇ ପୁଅ ସହ ଆଲୋଚନା କରିଛନ୍ତି। ହତ୍ୟାକାଣ୍ଡର ପରଦିନ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ୍ କୁମାର କୁମାର ବିଷମ କଟକ ଥାନାକୁ ଆସି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଏ ଘଟଣାକୁ ନେଇ ଆମେ ବିଷମ କଟକ ଥାନା ଅଧିକାରୀ ଶ୍ରୀ ପାଢୀଙ୍କ ସହ ଯୋଗାଯୋଗ କରିବାରେ ବ୍ୟବଚ୍ଛେଦ ରିପୋଟ ଆସିବା ପରେ କେଉଁ ପରିସ୍ଥିତିରେ ହତ୍ୟାକାଣ୍ଡ ଘଟିଛି ତାହା ସ୍ପଷ୍ଟ ହେବ ବୋଲି କହିଛନ୍ତି। ହାତ୍ୟାକାଣ୍ଡର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଛି। ଫିଙ୍ଗରପ୍ରିଣ୍ଟ ରିପୋର୍ଟ ଏବଂ ସାଇଟିଫିକ୍ ଟିମ୍ ରିପୋର୍ଟ ଆଧାରରେ ଅପରାଧିକୁ ତୁରନ୍ତ ଚିହ୍ନଟ କରାଯିବା ସହ ସେମାନଙ୍କୁ ଗିରଫ କରାଯିବା ନେଇ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଶୁକ୍ରବାର ଦିନ ଅପରାହ୍ନରେ କୈଳାସ ଚନ୍ଦ୍ର ସାହୁଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିଜ ଘରୁ ଉଦ୍ଧାର କରି ବିଷମ କଟକ ଖ୍ରୀଷ୍ଟୀୟାନ୍ ହସ୍‌ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୈଳାସ ସାହୁର ଗଳା କଟାଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ମାଥିଲି, ୨।୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଭାରତୀ ବିହାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜି ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ.ପ୍ରମୋଦ କୁମାର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ କୋରାପୁଟ ବିଭାଗ ସଂଘଚାଳକ ଦିଲ୍ଲୀପ କୁମାର ଗଣ୍ଡ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ, ସଦର ପଞ୍ଚାୟତ ସରପଞ୍ଚ କାନାମ ରାଜୁ ନାୟକ, ମାଥିଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବରିଷ୍ଠ ଉପଦେଷ୍ଟା ଶିବ ପ୍ରସାଦ ପରିଛା, ମୁଖ୍ୟ ଉପଦେଷ୍ଟା ଡକ୍ଟର ସୁବ୍ରତ କୁମାର ଭଦ୍ର, ପରିଚାଳନା କମିଟି ସଭାପତି ରଜନୀକାନ୍ତ ପଣ୍ଡା, ସମ୍ପାଦକ ସତ୍ୟ ନାରାୟଣ ଦାଶ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଗନ ବିହାରୀ ସ୍ୱାଇଁ ମାଥିଲି ଅଞ୍ଚଳର ଶିକ୍ଷାର ବିକାଶ ପାଇଁ ୧୯୯୯ ମସିହା ଅପ୍ରେଲ ମାସ ୪ ତାରିଖ ପବିତ୍ର ଶ୍ରୀରାମ ନବମୀ ଦିନ ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ବିଦ୍ୟାମନ୍ଦିର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଥିଲି ଠାରେ ପ୍ରତିଷ୍ଠିତ ହୋଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଜିଲ୍ଲା ଓ ରାଜ୍ୟ ସ୍ତରରେ ସଫଳତା ହାସଲ କରି ଆସୁଛନ୍ତି। ପ୍ରତ୍ୟେକ ବର୍ଷ ପର ୨୦୨୪/୨୫ ଶିକ୍ଷା ବର୍ଷରେ ତୃତୀୟ ସରକାରୀ ବୃତ୍ତି ପରୀକ୍ଷାରେ କୀର୍ତିରାଜ ସ୍ୱାଇଁ, ସୁଭମ ବେହେରା,ସ୍ପନ୍ଦନ ପଣ୍ଡା, ସାଇ ସ୍ୱରୂପା ଲେଙ୍କା,ଓ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ସାଇ ଅର୍ଣ୍ଣବ ନାୟକ, ଅଂଶୁମାନ ପାଢ଼ୀ, ଆଶୁତୋଷ ମହାନ୍ତି, ବାଣିଶ୍ରୀ ପ୍ରଧାନ, କ୍ରମାନ୍ୱୟରେ ବ୍ଲକରେ ପ୍ରଥମରୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ପଞ୍ଚମ ଶ୍ରେଣୀରେ ଅଂଶୁମାନ ପାଢ଼ୀ, ଭାରତୀ କୃଷ୍ଣ ଗଣିତ ପ୍ରତିଭାରେ ରାଜ୍ୟରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ପ୍ରାଦେଶିକ ମେଧାରେ ୧୦ମ ସ୍ଥାନ, ଆଶୁତୋଷ ମହାନ୍ତି ରାଜ୍ୟରେ ପଞ୍ଚମ ସ୍ଥାନ, ସାଇ ଅର୍ଣ୍ଣବ ନାୟକ କୃଷ୍ଣ ରାଜ୍ୟରେ ଅଷ୍ଟମ ସ୍ଥାନ ପାଇଁ ରାଜ୍ୟ ତଥା ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ନବୋଦୟ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଚୟନ ପରୀକ୍ଷାରେ ମାଥିଲି ଶିଶୁ ବିଦ୍ୟାମନ୍ଦିରର ଶିଶୁ ମାନେ ଚୟନ ହୋଇଛନ୍ତି। ସେହିପରି ୨୦୨୪/୨୫ ଶିକ୍ଷା ବର୍ଷରେ ସର୍ବାଧିକ ୨୨ଜଣ ଶିଶୁ ନବୋଦୟ ବିଦ୍ୟାଳୟ ପାଇଁ ଚୟନ ହୋଇଛନ୍ତି। ଯାହା ମାଲକାନଗିରି ଜିଲ୍ଲା ପାଇଁ ଏକ ଇତିହାସ ସୃଷ୍ଟି କରିଛି ବୋଲି ବିଦ୍ୟାମନ୍ଦିର ପ୍ରଧାନ ଅଚର୍ଯ୍ୟ ଶ୍ରୀଯୁକ୍ତ ସ୍ୱାଇଁ ବକ୍ତବ୍ୟ ରଖିଥିଲେ।ଏହି ଅବସରରେ ଖେଳ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଦସ୍ୟ, ଅବିଭାବକ ଆୟୋଜନ କରିଥିବା ବେଳେ ବିଦ୍ୟାମନ୍ଦିର ଗୁରୁଜୀ,ଗୁରୁମା ଓ ଛାତ୍ରଛାତ୍ରୀ ମାନେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କୋରୁକୋଣ୍ଡା,୨।୨ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ଅନ୍ତର୍ଗତ ଚିତାପାରୀ-୪ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ହରିପ୍ରିୟା ପାଢ଼ୀଙ୍କୁ ବିଦ୍ୟାଳୟ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶିକ୍ଷୟିତ୍ରୀ ଶ୍ରୀମତୀ ପାଢ଼ୀ ଦୀର୍ଘ ୨ ବର୍ଷରୁ ଅଧିକ ସମୟ ହେବ ଏହି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ପିଲାମାନଙ୍କୁ ପାଠ ପଢ଼ାଇ ଆସୁଥିଲେ। ତାଙ୍କର ପାଠପଢା ଶୈଳୀ ଟିକେ ଭିନ୍ନ ହେତୁ ବହୁ ପିଲାମାନେ ସ୍କୁଲ ମୁହାଁ ମଧ୍ୟ ହୋଇଥିଲେ। ତେଣୁ ତାଙ୍କର ଅବସରରେ ଗ୍ରାମବାସୀ ବାଜା ବଜାଇ ଢେମ୍‌ସା ନୃତ୍ୟ ମାଧ୍ୟମରେ ସମଗ୍ର ଗ୍ରାମ ପରିକ୍ରମା କରି ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟକୁ ପାଛୋଟି ନେଇଥିଲେ। ସେ ଅତି ମେଳାପୀ, ପରୋପକାରୀ ସ୍ୱଭାବର ହୋଇଥିବାରୁ ସର୍ବଦା ସେ ଗ୍ରାମବାସୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଏହି ଅବସରରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ନନ୍ଦିନୀ ତ୍ରିପାଠୀ, ଶିକ୍ଷକ ରଞ୍ଜନ କୁମାର ପଣ୍ଡା, ସିଆରସିସି ଭଗବାନ ସାହୁ, ଏସଏମସି ସଭାପତି ମାଧବ ଖିଲ, ୱାର୍ଡ ମେମ୍ବର ପ୍ରହ୍ଲାଦ ପେଟିଆ, ଶିକ୍ଷୟିତ୍ରୀ ପ୍ରତିମା ନାୟକ, ଶିକ୍ଷୟିତ୍ରୀ କଲ୍ୟାଣି ସ୍ୱାଇଁ, ଶିକ୍ଷୟିତ୍ରୀ ରାଜଶ୍ରୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଶିଶିର କୁମାର ଖୋସଲା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ଶ୍ରୀମତୀ ପାଢ଼ୀ ଙ୍କୁ ବିଦ୍ୟାଳୟ ଏବଂ ଗ୍ରାମବାସୀ ଙ୍କ ପକ୍ଷରୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଭୀମ ଖିଲ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଜିଲ୍ଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ପଡିଆ,୨।୨(ସମିସ) : ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପଡିଆ ବ୍ଲକର ୮ ପଞ୍ଚାୟତରୁ ମୋଟ ୪୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ପଡିଆ ବ୍ଲକରେ ଦେଖା ଦେଇଥିବା ନେଟୱାର୍କ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସୁବିଧା ସମେତ ବିଭିନ୍ନ ଗ୍ରାମରେ ଖେଳପଡିଆ ଓ ନଳକୂପ ନିର୍ମାଣ କରିବାକୁ ଅଭିଯୋଗ ପତ୍ର ମାଧ୍ୟମରେ ଜିଲ୍ଲାପାଳଙ୍କୁ ଦିଆଯାଇଛି। ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ ଲୋକଙ୍କ ସମସ୍ତ ଅଭିଯୋଗ ଶୁଣିବା ସହ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଡିଓ ଦଶରଥ ସରାବୁ, ପଡିଆ ବ୍ଲକ ଅଧ୍ୟକ୍ଷ କଲ୍ୟାଣ ବିଶ୍ୱାସ, ବିଡିଓ ଅଶ୍ୱିନି କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଓ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହାପରେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ପଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସିଡିଓ ଶ୍ରୀ ସରାବୁ କମାରଗୁଡା ସ୍କୁଲ ଗସ୍ତ କରି ମଧ୍ୟାହ୍ନ ଭୋଜନର ଯାଞ୍ଚ କରିଥିଲେ।

# ଜୁନିୟର ରେଡକ୍ରସର ସଫେଇ କାର୍ଯ୍ୟକ୍ରମ




ମାଲକାନଗିରି,୨।୨(ସମିସ): ମାଲକାନଗିରି ଜିଲ୍ଲାରେ ଆୟୋଜିତ ହେଉଥିବା ମାଲ୍ୟବନ୍ତ ମହୋତ୍ସବର ସ୍ୱଚ୍ଛତାକୁ ଆଖି ଆଗରେ ରଖି ଜାତୀୟ ରେଡକ୍ରସର ମାଲକାନଗିରି ଜିଲ୍ଲା ଶାଖା ଜୁନିୟର ରେଡ଼କ୍ରସ ତରଫରୁ ମାଲ୍ୟବନ୍ତ ମହୋତ୍ସବ ପଡ଼ିଆରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଂଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିପିଇଓ କାର୍ତ୍ତିକ ବେହେରା, ପି ଭାନୁ ପ୍ରକାଶ ରାଓ, ରେଡକ୍ରସ ଅଫିସର ନିରଞ୍ଜନ ମହାରଣା, ସନାତନ ଦାସ, ବାସୁଦେବ ପଣ୍ଡା, ଚତୁର୍ଭୁଜ ଦାଶ, ରଂଜନ ବେହେରା, ରତନ ଆଚାର୍ଯ୍ୟ, ନିହାର ରଂଜନ ଚୌଧୁରୀ, ରଂଜିତ ପରିଜା, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ଜିତୁ ରଂଜନ ସ୍ୱାଇଁ, ଗୋବିନ୍ଦ ମହନ୍ତ, ଦୀନବନ୍ଧୁ ବେଜ, ରାଜକିଶୋର ବେହେରା, ପ୍ରିୟମ୍ବଦା ସାମଲ, ଗଙ୍ଗାଧର ବାରିକ ଓ ପିଏମ୍‌ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନଗିରି, ସରସ୍ୱତୀ ଶିଶୁମନ୍ଦିର ମାଲକାନଗିରିର ରେଡକ୍ରସ ଜୁନିୟର ପ୍ରମୁଖ ଉପସ୍ଥିତ ରହିବା ସହିତ ୩୦ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ରହିଥିଲେ। କାଉନସିଲର ଓ ସ୍ୱେଚ୍ଛାସେବୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଧନ୍ୟବାଦ ଜଣାଇଥିଲେ।

# କିଡ୍‌ନୀ ରୋଗରେ ଯୁବକଙ୍କ ଅକାଳ ବିୟୋଗ



ଚନ୍ଦ୍ରପୁର,୨।୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମର ଅଙ୍କିତ କୁମାର ସିଂ କିଡ୍‌ନୀ ରୋଗରେ ପୀଡିତ ହୋଇ କଟକ, ବ୍ରହ୍ମପୁର ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ସାମାନ୍ୟ ସୁସ୍ଥହେବାରୁ ତାଙ୍କୁ ନିଜ ଘର ହନୁମନ୍ତପୁର ଅଣାଯାଇଥିଲା। କିନ୍ତୁ ଆଜ ଭୋର ୫ଟା ବେଳେ ପୁଣି ଅସୁସ୍ଥ ହୋଇ ସେ ପ୍ରାଣତ୍ୟାଗ କରିଛନ୍ତି। ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି।

## ମହିଳା ମହାବିଦ୍ୟାଳୟର ପୁରସ୍କାର ବିତରଣ ସମାରୋହ



ରାୟଗଡ଼ା,୨।୨(ସମିସ): ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଶିକ୍ଷାବର୍ଷ ୨୦୨୫-୨୬ର ଛାତ୍ରୀ ସଂସଦ ଏବଂ ସାଂସ୍କୃତିକ ସଂଘ ଦ୍ୱାରା ଆୟୋଜିତ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡ.ଦୁଷ୍ମନ୍ତ କୁମାର ମହାନ୍ତ ଯୋଗଦାନ କରି ଛାତ୍ରୀ ମାନଙ୍କ ମଧ୍ୟରେ ଥିବା ପ୍ରତିଭା ଏବଂ କଳା ସଂସ୍କୃତିକୁ ପ୍ରଶଂସା କରିଥିଲେ। ଏହି ସଭାରେ ଅଧ୍ୟକ୍ଷା ଡ଼. ଅର୍ଚ୍ଚନା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଛାତ୍ରୀ ସଂସଦର ଉପଦେଷ୍ଟା ରଘୁନାଥ ଭୁଏ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସାଂସ୍କୃତିକ ସଂଘର ଉପ ସଭାପତି ଭାରତୀ ଚୌଧୁରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନାଟ୍ୟ ସଂଘର ଉପ ସଭାପତି କ୍ୟାପଟେନ ରିତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ସାହିତ୍ୟିକ, ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ସମସ୍ତ ଛାତ୍ରୀବୃନ୍ଦ ଉପସ୍ଥିତ ଥିଲେ।

# ଏନ୍‌ଏମ୍‌ଏମ୍‌ଏସ୍‌ରେ ନାବାଳକଙ୍କ ଫଟୋ



କୋରୁକୋଣ୍ଡା,୨।୨(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସ୍ଥାନୀୟ ଜନସାଧାରଣଙ୍କ ନିମନ୍ତେ ଯୋଗାଇ ଦେଇଥାନ୍ତି। ଯାହା ମାଧ୍ୟମରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଶ୍ରମିକ ଶ୍ରେଣୀର ପରିବାର ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯାଇ ନିଜ ଅଞ୍ଚଳରେ କାମ କରି ନିଜ ପରିବାର ପ୍ରତି ପୋଷଣ କରି ପାରିବେ। ହେଲେ ସରକାରଙ୍କ ଏତେ ସବୁ ପରେ ମଧ୍ୟ ଦିନକୁ ଦିନ ଦାଦନ ଶ୍ରମିକ କମିବା ବଦଳରେ ହୁ ହୁ ହୋଇ ବଢିବାରେ ଲାଗିଛି। କାରଣ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆସିଥିବା କାର୍ଯ୍ୟକୁ ମିଶନ ସାହାଯ୍ୟରେ କରି ଅଧିକାରୀ ମାନେ ନୀରବ ଦ୍ରଷ୍ଟା ସାଜୁଛନ୍ତିତ ଆଉ କେଉଁଠି ପୁରୁଣା କାମକୁ ଦେଖାଇ କିଛି ଟଙ୍କା ଜବକାର୍ଡ ଧାରୀଙ୍କୁ ଦେଇ ବଳକା ଟଙ୍କା ଅଧିକାରୀମାନେ ଚଳୁ କରିଦେଉଥିବାର ବହୁ ନଜିର ରହିଛି । ଏମିତିକି କିଛି କାମ ନକରି ମଧ୍ୟ ବହୁ କାମର ଟଙ୍କା ଉଠା ଯାଇଥିବାର ଦେଖିବାକୁ ମିଳୁଛି। ଏ ସବୁକୁ ନଜରରେ ରଖି ଦୁର୍ନୀତି ରୋକିବା ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ନିୟମ ମାନ କରାଯାଇଛି। ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ଶ୍ରମିକ ମାନେ ପ୍ରଥମେ ବିଭାଗ ନିକଟରେ ଆବେଦନ କରିବେ। ପରେ କାର୍ଯ୍ୟରେ ଯୋଗଦେବେ। ପ୍ରତେକ ଦିନ କାମ ଆରମ୍ଭରେ ଏବଂ ଶେଷରେ କାର୍ଯ୍ୟ ସ୍ଥଳୀରେ ଶ୍ରମିକ ମାନଙ୍କ ଫଟୋ, ତଥ୍ୟ ଏନଏମଏମଏସରେ ଅପଲୋଡ କରାଯିବ। ହେଲେ ଏଠି ସେହି ସରକାଙ୍କ ତଥ୍ୟରେ ଛୋଟଛୋଟ ନାବାଳକଙ୍କ ଫଟୋ ଉଠାଯାଇଥିବା ଏନଏମଏମଏସରେ ଦେଖିବାକୁ ମିଳିଛି। ଏପରି ଏକ କାମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ନକାମାମୁଡି ଗ୍ରାମ ପଞ୍ଚାୟତରେ। ଜିଲ୍ଲା ସମନ୍ୱିତ ଆଦିବାସୀ ସଂସ୍ଥା ମାଧ୍ୟମରେ ୨୦୨୪ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ନିଳାପାରି ଗ୍ରାମରେ ଆମ୍ବ ବଗିଚା ନିମନ୍ତେ ଅର୍ଥ ଅନୁମୋଦନ କରାଯାଇଥିଲା। ବର୍ତ୍ତମାନ ସେହି ବଗିଚା କାମ ଚାଲୁ ରହିଥିବା ବେଳେ ସରକାରୀ ତଥ୍ୟ ଏନଏମଏମଏସରେ କିଛି ଛୋଟ ଛୋଟ ପିଲାଙ୍କୁ ଠିଆ କରି ତାର ଫୋଟ ସରକାରୀ ପୋର୍ଟାଲରେ ଦର୍ଶାଯାଇଛି। ଯାହାକି କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି କରୁଛି। ପ୍ରଥମ କଥା ସରକାରଙ୍କ ନିୟମ ଅନୁଯାଇ ନାବଳକ ନାବାଳିକା ମାନଙ୍କୁ କୌଣସି ମତେ କାର୍ଯ୍ୟରେ ନିୟୋଜିତ କରିବା ଆଇନତଃ ଅପରାଧ। ହେଲେ କିପରି ଭାବେ ଅଧିକାରୀ ନାବାଳକଙ୍କୁ କାମରେ ଲଗାଇଲେ। ଯଦି ପିଲାମାନେ କାମ କରିନାହାନ୍ତି, ତେବେ ଏନଏମଏମଏସରେ ପିଲାଙ୍କ ଫୋଟ ଦେଲେ କିପରି। ଏହାକୁ ନେଇ ଆମେ ଜିଲ୍ଲା ସମନ୍ୱିତ ଆଦିବାସୀ ସଂସ୍ଥା ପ୍ରୋଜେକ୍ଟ ମ୍ୟାନେଜର ବିଶ୍ୱନାଥ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଯେ, ଏପରି କରିବା ନିୟମ ବିରୁଦ୍ଧ। ଯଦି ଏମିତି କିଛି ହୋଇଛି ତେବେ ତଦନ୍ତ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଭାଗୀୟ ଅଧିକାରୀଙ୍କ ପଦକ୍ଷେପକୁ ସମସ୍ତେ ଚାହିଁ ରହିଛନ୍ତି।

## ଜାଣିନାହାନ୍ତି ବିଭାଗୀୟ ଅଧିକାରୀ

# ଜ୍ୱରରେ ବଡ଼ଖିଲାପଦର ଏସ୍ଏସ୍‌ଡି ସ୍କୁଲ୍ ଛାତ୍ର ମୃତ



ରାୟଗଡ଼ା/କୋଲନରା,୨।୨(ସମିସ): ଥଣ୍ଡା ଜ୍ୱରରେ ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଅଭିଭାବକ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା କି ଅନ୍ୟ କାରଣରୁ ଏଭଳି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା କୋଲନରା ବ୍ଲକ ବଡଖିଲାପଦର ଏସଏସଡ଼ି ଉଚ୍ଚ ବିଦ୍ୟାଳୟରେ। ମୃତକ ଛାତ୍ର ଜଣଙ୍କ ହେଲେ ଥବିର ମାଣ୍ଡାଙ୍ଗି ( ୭)। ସୂଚନା ପ୍ରକାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ବଡଖିଲାପଦର ଏସଏସଡି ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢୁଥିବା ପ୍ରଥମ ଶ୍ରେଣୀ ଛାତ୍ର ଥବିରକୁ ସାମାନ୍ୟ ଜ୍ୱର

## ଚିକିତ୍ସାରେ ଅବହେଳା !

ହୋଇଥିବା ଜଣାପଡିଥିଲା। ବିଦ୍ୟାଳୟରେ ଏଏନଏମ ଥବିରକୁ ଜ୍ୱର ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ତେବେ ଆଜି ଅପରାହ୍ଣ ସମୟରେ ହଷ୍ଟେଲରୁ ବିଦ୍ୟାଳୟ ପରିସରକୁ ସେ ଉଠିକି ଯାଉଥିବା ବେଳେ ତଳେ ପଡିଯାଇଥିଲେ। ତୁରନ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ,ମେଟ୍ରୋନ୍ ଓ ଅନ୍ୟାନ୍ୟ କର୍ମଚାରୀ ଥବିରକୁ ବଡଖିଲାପଦର ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ସେଠାରେ କେହି ଉପସ୍ଥିତ ନଥିବାରୁ ସେଠାକାର ପିଅନ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିବାରୁ କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରିବା ପାଇଁ ପରାମର୍ଶ କହିଥିଲେ। କୋଲନରା ସିଏଚସିରେ ଡାକ୍ତର ଥବୀର ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ସେ ମୃତ୍ୟୁବରଣ କରିଥିବା ପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନବୀନ କୁମାର ପାତ୍ର ଛାତ୍ରଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଇନଥିବା ପ୍ରକାଶ କରିଛନ୍ତି। ଜ୍ୱର ଆସିବାର କେଇ ଘଣ୍ଟା ମଧ୍ୟରେ ଥବୀର କେମିତି ମୃତ୍ୟୁବରଣ କଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ପରେ କୋଲନରା ଡିଡବ୍ଲ୍ୟୁଓ ଦେବାଶୀଷ ମୁଣ୍ଡ କୋଲନରା ସିଏଚସି ଯାଇ ଘଟଣାର ତଦନ୍ତ କରିଥିବା ଜଣାପଡିଛି। ଚାନ୍ଦିଲି ଆଇଆଇସି ଉତ୍ତମ କୁମାର ସାହୁ ଖବର ପାଇଁ ସିଏଚସି ଯାଇ ତଦନ୍ତ କରୁଥିବା ଜଣାପଡିଛି। ମୃତ ଥବିରଙ୍କ ଘର ରାୟଗଡ଼ା ବ୍ଲକ ବଡଆଲୁବାଡି ପଞ୍ଚାୟତର ପଦକାପାଡୁ ଗ୍ରାମରେ। ଛାତ୍ରଙ୍କ କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ସେନେଇ ତଦନ୍ତ ଚାଲୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟର ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ଜିଲ୍ଲାର ୩ ବିଧାୟକ

# ଚାଷୀଙ୍କ ପାଇଁ ନାଗାବଳୀ, ବଂଶଧାରା ନଦୀରେ ଜଳାଶୟ ନିର୍ମାଣ ପ୍ରସ୍ତାବ

ରାୟଗଡ଼ା,୨।୨(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମଞ୍ଚରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ, ବିଷମକଟକ ବିଧାୟକ ନୀଳ ମାଧବ ହିକକା ଓ ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ମଞ୍ଚାସୀନ ହୋଇଥିଲେ। ବିଷମକଟକ ବିଧାୟକ ଶ୍ରୀ ହିକକା ମୁନିଗୁଡା ବ୍ଲକରେ ଠିଆରୁଡା ସ୍ଥିତ ସାପସିଲ୍ ନାମରେ ଏକ ଜଳଭଣ୍ଡାର ନିର୍ମାଣ ହେଲେ ମୁନିଗୁଡା ଅଞ୍ଚଳର ହଜାର ହଜାର ଚାଷୀ ନିଜ ଜମିକୁ ଜଳ ସେଚିତ କରି ଉପକୃତ ହୋଇପାରିବା ସହ ମୁନିଗୁଡା ଦେଇ ପ୍ରବାହିତ ହେଉଥିବା ବଂଶଧାରା ନଦୀର ଖଗରପଦର ଠାରେ ମଧ ଜଳଭଣ୍ଡାର ନିର୍ମାଣ କଲେ ଚାଷୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସେହିପରି କଲ୍ୟାଣସିଙ୍ଗପୁର ବ୍ଲକ୍‌ରେ କଳାହାଣ୍ଡି ସୀମାନ୍ତ ତାମ୍ବୁଲଗୁଡା ଡେମ୍‌କୁ ଯୋଡିବା ସହ ବିଷମକଟକ ବ୍ଲକର ଟାଙ୍କୁପଦର ଡେମ୍‌ର ଉନ୍ନୟନମୂଳକ କାମ ସହ କୋଲନରା ବ୍ଲକର ପୂଜାରୀଗୁଡା ଡେମ୍ ଯଦି କାର୍ଯ୍ୟକ୍ଷମ ହେବ ତେବେ ବହୁ ଚାଷୀ ଉପକୃତ ହେବେ ବୋଲି ଶ୍ରୀ ହିକକା ଅନୁରୋଧ କରିଥିବା ବେଳେ ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ୪ଗୋଟି ବ୍ଲକ୍‌ରେ ଚାଷୀଙ୍କ ଅମଳ ଫସଲକୁ ଦୀର୍ଘଦିନ ଧରି ସଂରକ୍ଷିତ ରଖିବା ପାଇଁ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଦାବି କରିଥିଲେ। ଯୁବପିଢୀଙ୍କ ପାଇଁ ୪ଗୋଟି ବ୍ଲକ୍‌ରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଦାବି କରିଥିଲେ। ବିଷମକଟକକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ହିକକା ଧନ୍ୟବାଦ ଅର୍ପଣ କରିଥିବା ବେଳେ ମୁନିଗୁଡାକୁ ଏନଏସି ଘୋଷଣା କରିବାକୁ ଏବଂ ଜିଲ୍ଲାଭିତ୍ତିକ ନିଯୁକ୍ତି ସୃଷ୍ଟି କରିବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଶ୍ରୀ ହିକକା ଦାବି କରିଥିଲେ। ସେହିପରି ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ଦୀର୍ଘ ଦିନର ଦାବି ମଧ୍ୟରେ ରାୟଗଡ଼ା ଜିଲ୍ଲାବାସୀ ଅତି ଆବଶ୍ୟକ କରୁଥିବା ଏକ ସରକାରୀ ମେଡିକାଲ କଲେଜ ସ୍ଥାପନା ଦିଗରେ ସରକାରଙ୍କ ପଦକ୍ଷେପ ତ୍ୱରିତ କରିବାକୁ ଦାବି କରିଥିଲେ। ୫୦୬ ଏକରର ଜେଏସକୋ ଜମି ଜିଲ୍ଲା ପ୍ରଶାସନ ପାଖରେ ରହିଥିବାରୁ ବିଭିନ୍ନ୍ ଉନ୍ନୟନମୂଳକ ପ୍ରକଳ୍ପ ନିମନ୍ତେ ଭିତିଭୂମିର କୌଣସି ଅଭାବ ନ ଥିଲେ ମଧ କୌଣସି କାମ ହୋଇପାରୁ ନ ଥିବା କହିଥିଲେ। ଜିଲ୍ଲାରେ ୭୦ଭାଗ ଲୋକେ ଚାଷ ଉପରେ ନିର୍ଭର କରୁଥିବା ବେଳେ ଜିଲ୍ଲାରେ ପ୍ରବାହିତ ହେଉଥିବା ନାଗାବଳୀ, ବଂଶଧାରା ଓ ଝଂଜାବତୀ ଭଳି ଚିରସ୍ରୋତା ନଦୀ ଥାଇ ମଧ ଚାଷୀ କୌଣସି ପ୍ରକାର ଉପକୃତ ହେଉ ନ ଥିବାରୁ ଉକ୍ତ ନଦୀଗୁଡିକରେ ଜଳ ଭଣ୍ଡାର କରିବାକୁ ଦାବି କରିଥିଲେ। ଖଣି ଖାଦାନରେ ଭରା ରାୟଗଡ଼ା ଜିଲ୍ଲାରେ ୪ଟି ବଡ ବଡ ଶିଳ୍ପାନୁଷ୍ଠାନ ଥାଇ ମଧ ସ୍ଥାନୀୟ ବେକାର ଶିକ୍ଷିତ ଯୁବକଯୁବତୀ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି, ତେଣୁ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେବା ପାଇଁ ସେ ଦାବି କରିଥିଲେ। ସେହିପରି ଗୁଣପୁର ନିର୍ବାଚନ ମଣ୍ଡଳୀର ବଂଶଧାରା ନଦୀ ଉପରେ କେବଳ ଭିତ୍ତିପ୍ରସ୍ତର ହୋଇ ପଡିରହିଛି । ଡଙ୍ଗର ଜଳଭଣ୍ଡାର ପ୍ରକଳ୍ପ ତାହା ଦୀର୍ଘ ବର୍ଷ ଧରି କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ତୁରନ୍ତ ତାହାକୁ କାର୍ଯ୍ୟକ୍ଷମ ପାଇଁ ବିଧାୟକ ଶ୍ରୀ ଗମାଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆର୍କଷଣ କରିଥିଲେ। ପଦ୍ମପୁର ସହରକୁ ଏନଏସି ମାନ୍ୟତା ଘୋଷଣା ଦାବି କରିବାକୁ ସେ ଅନୁରୋଧ କରିଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟାକୁ ଗୁରୁତ୍ୱ ଦେବା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ମେଡିକାଲ କଲେଜ ଘୋଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୁଣି ପ୍ରତିଶୃତି ଦେଇଥିଲେ।

# ଉମରକୋଟ ପ୍ରେସ୍ କ୍ଲବ୍‌ର କର୍ମକର୍ତ୍ତା ଚୟନ




ଉମରକୋଟ,୨।୨ (ସମିସ): ଉମରକୋଟ ପ୍ରେସ୍ କ୍ଲବ୍ କାର୍ଯ୍ୟାଳୟରେ ପ୍ରେସ କ୍ଲବ୍‌ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ପୂର୍ବତନ ସଭାପତି ତଥା ବର୍ତ୍ତମାନର ସମ୍ପାଦକ ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରେସ କ୍ଲବ୍‌ର ସଭାପତି ନଳିନୀ ରଞ୍ଜନ ମିଶ୍ର ସଭାପତିତ୍ୱରେ କର୍ମକର୍ତ୍ତା ଚୟନ ସହ ନୂତନ ସଦସ୍ୟଙ୍କୁ ଗ୍ରହଣ କରାଯାଇଥିଲା। ନଳିନୀ ରଞ୍ଜନ ମିଶ୍ର, ଉପସଭାପତି ସନ୍ତୋଷ ଶତପଥୀ, ସହ ସମ୍ପାଦକ କୁନା ସାହୁ, ଆଇନ ପରାମର୍ଶଦାତା ଜିତେନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଯୁଗୋଳ କିଶୋର ସାହୁ ଓ ହିମାଂଶୁ ଜେନା ଯୋଗଦେଇ ଉପସ୍ଥିତ ରହି ସମସ୍ତ ବିଷୟରେ ଆଲୋଚନା କରିଥିଲେ। କିଛି ନୂତନ ସଦସ୍ୟ ମାନଙ୍କୁ ସଂଘ ରେ ସାମିଲ୍ କରାଯାଇଥିଲା। ଅନ୍ୟ ପକ୍ଷରେ ଗତ କମିଟିର କାର୍ଯ୍ୟକାଳ ସରିଥିବା ଯୋଗୁଁ ସେହି କମିଟି ଆଗାମୀ କାର୍ଯ୍ୟକାଳ ପର୍ଯ୍ୟନ୍ତ ରହିବେ ବୋଲି ଧାର୍ଯ୍ୟ କରାଯାଇଥିଲା। ସଂଘର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବିଶେଷ କରି ବିଗତ ଏକ ବର୍ଷ ମଧ୍ୟରେ ସଂଘ ଗୃହ ନିର୍ମାଣ ଶେଷ କରିବା, ସଂଘ ସହ ସମ୍ପାଦକ କୁନା ସାହୁଙ୍କ ପ୍ରଚେଷ୍ଟାରେ ଜଳ ଯୋଗାଣ ଓ ଆଲୋକୀକରଣକୁ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ଆଗାମୀ ଦିନରେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରି ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ଲୋକଲୋଚନକୁ ଆଣିବା ଓ ସମସ୍ତ ସମସ୍ୟା ଲୋକଲୋଚନକୁ ଆଣି ସରକାରଙ୍କୁ ଉପସ୍ଥାପନା କରିବା ଏବଂ ବିକାଶ କାର୍ଯ୍ୟରେ ସହଯୋଗ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସାଧାରଣ ସଭା କାର୍ଯ୍ୟକ୍ରମରେ ଉମରକୋଟ ପ୍ରେସ କ୍ଲବର ସଦସ୍ୟ ନିରଞ୍ଜନ ବେହେରା, ନିରଞ୍ଜନ ଗଣ୍ଡ, ସାଇ କ୍ରିଷ୍ଣା , ଜୁମେରା ସାନ୍ତା , ଅନୁରାଗ ପଟ୍ଟନାୟକ, ବାଳକୃଷ୍ଣ ସାହୁ, ନିରଞ୍ଜନ ଗଣ୍ଡ, ବିଜୟାନନ୍ଦ ପତି, ଅନୁପ ବାରିକ, ଲୋକନାଥ ବେହେରା , ଜିତେନ୍ଦ୍ର ଦାସ ଓ ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ନନ୍ଦପୁର,୨।୨ (ସମିସ): ନନ୍ଦପୁର ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ତଥା ରାଜ୍ୟ କଂଗ୍ରେସ ବିଧାୟକ ଦଳୀୟ ନେତା ରାମଚନ୍ଦ୍ର କଦମ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶିଶୁ ମନ୍ଦିରର ପାଠପଢା ସାଙ୍ଗକୁ ସଂସ୍କାର ଓ ନୀତି ଜ୍ଞାନରେ ଏହି ଅନୁଷ୍ଠାନ ଉଚ୍ଚ ପ୍ରଶଂସା କରିବା ଦେଶର ଶ୍ରେଷ୍ଠ ଅନୁଷ୍ଠାନ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା କଳ୍ପନା ଦେବୀ ବିଶ୍ୱାଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଭିତ୍ତିଭୂମି ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ୧୦ ଲକ୍ଷ ଟଙ୍କାର ଅନୁଦାନ ନିମନ୍ତେ ଅନୁରୋଧ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାଳୟ ପରିଚାଳନା ସଭାପତି ଲିଙ୍ଗରାଜ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା, ସିଡିପିଓ ମିନତୀ ବାଲା ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା, ବରିଷ୍ଠ ବିଜେପି ନେତା ଶେଖ୍ ଗୋଫୁର, ପୂର୍ବତନ ସରପଞ୍ଚ



ଧନପତି ସୀସା , ଅବସରପ୍ରାପ୍ତ ଶିକ୍ଷକ ବେଣୁ ଗୋପାଳ ବେହେରା, ନନ୍ଦପୁର ସରପଞ୍ଚ ସଜନ୍ତି କିର୍ଶାନି, ସମିତି ସଭ୍ୟା ବିନୋଦିନୀ ସମାର୍ତି ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ସାନି ଉନ୍ନତି ଓ ପାଠପଢା ଉପରେ ମତ ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସଦସ୍ୟ ବୃନ୍ଦ ଓ ସମସ୍ତ ଅବିଭାବକ ଅବିଭାବିକା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ବିଜେଡି କର୍ମୀ ସମ୍ମିଳନୀ




ଉମରକୋଟ,୨।୨ (ସମିସ): ଉମରକୋଟ ନିକଟସ୍ଥ ଭାସ୍କେଲ ଡ୍ୟାମ୍ ଠାରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ବ୍ଲକରୁ ୮୦୦ କର୍ମୀ ଯୋଗ ଦେଇଥିଲେ। ଉମରକୋଟ, ରାଇଘର, ଝରିଗାଁ ବ୍ଲକର ବ୍ଲକ ଅଧ୍ୟକ୍ଷ, ଦଳୀୟ ସମର୍ଥିତ ସରପଞ୍ଚ, ଜିଲ୍ଲାପରିଷଦ ସଦସ୍ୟ, ସମିତିସଭ୍ୟ ଏବଂ ବରିଷ୍ଠ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। ଦଳୀୟ ଗୋଷ୍ଠୀ କନ୍ଦଳ ଯୋଗୁଁ ଗତ ନିର୍ବାଚନରେ ଝରିଗାଁ ବିଧାନସଭା ଓ ନବରଙ୍ଗପୁର ଲୋକସଭା ଆସନରେ ଦଳର ପରାଜୟ ହେଲା ବୋଲି ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ କିପରି ଦଳ ବିଜୟ ହେବ ସେଥିନେଇ ଆଲୋଚନା ହୋଇଥିଲା। ଧାନ ମଣ୍ଡିରେ ଅବ୍ୟବସ୍ଥା, ରାଜ୍ୟ ସରକାରଙ୍କ ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼ ପ୍ରତିଶ୍ରୁତି ପାଳନ ନ କରିବା, ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ନ ଦେବା, ପେନସନ୍ ୩ ହଜାର ଟଙ୍କା ଦାବି ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଏହି ସଭାରେ ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ପ୍ରଦୀପ ମାଝୀ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ମଞ୍ଜୁଳା ମାଝୀ, ଉମରକୋଟ ବ୍ଲକ ଅଧକ୍ଷା ସୁଶିଳା ମାଝୀ, ଉମରକୋଟ ପୌରପରିଷ ଅଧକ୍ଷା ରାଧା ଭତ୍ରା, ରାଇଘର ବ୍ଲକ ଅଧକ୍ଷ ଗୁପ୍ତପ୍ରସାଦ ଝାଙ୍କର, ଝରିଗାଁ ବ୍ଲକ ଅଧକ୍ଷ ଦୁର୍ଗା ମାଝୀ, ଦେବୀ ସିଂ ମାଝୀ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ପୂର୍ବତନ ବ୍ଲକ ଅଧକ୍ଷା ନବୀନା ନାୟକ, ପୂର୍ବତନ ବିଧାୟକ ଗୋପୀନାଥ ପ୍ରଧାନୀ, ଉମରକୋଟ ବ୍ଲକ ବିଜେଡି ସଭାପତି ଅଜିତ କୁମାର ପ୍ରଧାନ, ପୂର୍ବତନ ଉମରକୋଟ ପୌରାଧ୍ୟକ୍ଷ ଝାଡେଶ୍ୱର ମହାନ୍ତି ଓ ବ୍ଲକ ସଭାପତି ମାନେ ଉପସ୍ଥିତ ରହିଥିଲେ।

## ● ଓଡ଼ିଶା ସରକାରଙ୍କୁ ମାଓବାଦୀଙ୍କ ଚିଠି !

# ୪ଟି ପ୍ରସ୍ତାବ ପୂରଣ ହେଲେ ଆତ୍ମସମର୍ପଣ କରିବେ ଦୁଇ ମାଓନେତା

କଲ୍ୟାଣସିଂହପୁର,୨।୨(ସମିସ): ରାଜ୍ୟ ସରକାର ୪ଟଇ ପ୍ରସ୍ତାବ ପୂରଣ କଲେ ଆତ୍ମସମର୍ପଣ କରିବେ ବୋଲି ମାଓବାଦୀମାନେ ପ୍ରସ୍ତାବ ଦେଇଛନ୍ତି। ଓଡିଶା ରାଜ୍ୟ କମିଟି ସଦସ୍ୟ ସିପିଆଇ (ମାଓବାଦୀ) ନିଖିଲ ଓରଫ ନିରଞ୍ଜନ ରାଉତ ଏବଂ ଇନ୍ଦୁ ଓରଫ ଅଙ୍କିତା, ରଶ୍ମିତା ଲେଙ୍କାଙ୍କ ପକ୍ଷରୁ ଜାରି ଏକ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସଶସ୍ତ୍ର କ୍ରାନ୍ତି ରାସ୍ତା ତ୍ୟାଗ କରି ଭାରତୀୟ ସମ୍ବିଧାନ ଅନୁସାରେ ଗଣତାନ୍ତିକ ପଦ୍ଧତିରେ କାର୍ଯ୍ୟ କରିବା ପାଇଁ ଗଣମାଧ୍ୟମ ଜରିଆରେ ଓଡିଶା ସରକାର ଓ ଗୃହ ବିଭାଗ ଉଦ୍ଦେଶ୍ୟରେ ସେମାନେ ଏହି ଖୋଲା ପତ୍ର ଲେଖିଛନ୍ତି। ରାଜ୍ୟ ସରକାର ଓ ଗୃହ ବିଭାଗ ଉପରେ ବିଶ୍ୱାସ କରି ବ୍ୟକ୍ତିଗତ ଭାବେ ନିର୍ଣ୍ଣୟ ନେଇ ସଶସ୍ତ୍ର ବିପ୍ଳବ ରାସ୍ତା ତ୍ୟାଗ କରି ଭାରତୀୟ ସମ୍ବିଧାନ ଅନୁସାରେ ଆଇନଗତ ଭାବେ ଲୋକଙ୍କ ମଧ୍ୟରେ ରହି ଜଳ ଜମି ଜଙ୍ଗଲ, ଇଜ୍ଜତ ଅଧିକାରର ସଂଘର୍ଷକୁ ଚଳାଇ ରଖିବାକୁ ମନସ୍ଥ କରାଯାଇଛି। ଓଡିଶା ପୁଲିସ ସମ୍ମୁଖରେ ପ୍ରଥମେ ସେମାନେ ଦୁଇ ଜଣ ଆତ୍ମସମର୍ପଣ କରିବେ। ଆଉ ବାକି ସାଥିମାନଙ୍କୁ ସାମ୍ବିଧାନିକ ରାସ୍ତାରେ ଫେରିଆସିବା ଲାଗି ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେବେ। ସେମାନଙ୍କର ୪ଟି ଦାବି ହେଲା ଭାରତୀୟ ସମ୍ବିଧାନ ଅନୁସାରେ ଗଣତାନ୍ତ୍ରିକ ଓ ଆଇନଗତ ସୀମା ମଧ୍ୟରେ ଦେଶର ଶୋଷିତ ଉତ୍ପୀଡ଼ିତ ଶ୍ରେଣୀ ଶ୍ରମିକ, କୃଷକ, ମଧ୍ୟମ ବର୍ଗ, ଆଦିବାସୀ, ଦଳିତ, ମହିଳା, ଅଳ୍ପ ସଂଖ୍ୟକ ଓ ରାଷ୍ଟ୍ରୀୟତାଙ୍କ ସାମ୍ବିଧାନିକ ହକ୍, ଅଧିକାର, ଜଳ -ଜମି- ଜଙ୍ଗଲ -ଇଜ୍ଜତର ଅଧିକାର ଲାଗି କାର୍ଯ୍ୟ, ଆତ୍ମସମର୍ପଣ ପରେ କୌଣସି ପ୍ରକାର ମାଓବାଦୀ ବିରୋଧୀ ସଶସ୍ତ୍ର ଅଭିଯାନ ଓ ଜନବିରୋଧୀ କାର୍ଯ୍ୟରେ ନିୟୋଜିତ ନ କରିବା, ସିପିଆଇ (ମାଓବାଦୀ) ଛାଡ଼ି ଆତ୍ମସମର୍ପଣ କରିଥିବା ଆଜାଦ, ସବ୍ୟସାଚୀ ପଣ୍ଡାଙ୍କୁ ବହୁବର୍ଷ ହେଲା ଜେଲରେ ବନ୍ଦୀ କରି ରଖାଯାଇଛି। ରାଜ୍ୟ ସରକାର ସମର୍ପଣକାରୀ ମାଓ ବାଦୀଙ୍କ କ୍ଷେତ୍ରରେ ନିୟମକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବା, ରାଜ୍ୟ ସରକାର ଗଣତାନ୍ତ୍ରିକ ଆନ୍ଦୋଳନକୁ ଦମନ ନ କରି ସେଠାକାର ଜନମତକୁ ସମ୍ମାନ ଦେବାକୁ ଦାବି କରାଯାଇଛି।

# ଫେବୃଆରୀ ୧୨ରେ ଦେଶବ୍ୟାପୀ ଧର୍ମଘଟ




ଗୁଣୁପୁର, ୨।୨(ସମିସ): ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ପକ୍ଷରୁ ଗୁଣପୁର ବ୍ଲକ୍ ଅନ୍ତର୍ଗତ ଗୋଠଲ ପଦର ପଞ୍ଚାୟତର କୁକୁରୁଗୁଡା ଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବଭାରତୀୟସ୍ତରରେ ସାଧାରଣ ଧର୍ମଘଟ ପାଇଁ ରଣନୀତି ପ୍ରସ୍ତୁତ କରାଯିବା ସହ ଶ୍ରମିକ ଓ କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆହ୍ୱାନ ଦିଆଯାଇଛି। ଭିବି ବି ରାମ ଜୀ କଳା ଆଇନ ବାତିଲ କରିବା, କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ କୋଡ୍ ପ୍ରତ୍ୟାହାର କରିବା, କୃଷି ଶ୍ରମିକ ଓ ଗ୍ରାମୀଣ ମଜଦୁରଙ୍କ ପାଇଁ ସାମାଜିକ ସୁରକ୍ଷା ନିଶ୍ଚିତ କରିବା, ଦଳିତ ଓ ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲର ଅଧିକାରକୁ ସୁରକ୍ଷିତ ରଖିବା, ବିଦ୍ୟୁତ ଆଇନ ବାତିଲ କରିବା, କୃଷି ଆଇନ ବାତିଲ କରିବା ଦାବି ନେଇ ଫେବୃୟାରୀ ୧୨ ତାରିଖ ଦିନ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ କୈଳାସ ଶବର, ରମେଶ ବିଡିକା, ଦାସୁରୁ ବିଡିକା, ଗିରି ପଦାକା, ନିରଞ୍ଜନ ନିମାଲା, ସମ୍ବରା ବିଡିକା, ମଜେଶ ବିଡିକା, ଜଗଦୀଶ ବିଡିକା, ସାନ୍ତାମା ବିଡିକା ଓ ଚୁମୁକି ବିଡିକା ଉପସ୍ଥିତ ଥିଲେ।

## ● 'ମାଲ୍ୟବନ୍ତ'ର ଦ୍ୱିତୀୟ ସଂଧ୍ୟା

# ବିହୁ, ସମ୍ବଲପୁରୀ, ଲବଣୀ ନୃତ୍ୟରେ ଝୁମିଲେ ଦର୍ଶକ

ମାଲକାନଗିରି, ୨।୨(ସମିସ): ମାଲକାନଗିରି ଜିଲ୍ଲାରେ ଆଦିବାସୀ କଳାସଂସ୍କୃତିର ବାର୍ତ୍ତା ଦେଉଥିବା ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକ ମାନେ ବିହୁ, ସମ୍ବଲପୁରୀ, ଲବଣୀ ନୃତ୍ୟ, ମାଲଖମ୍ବ ଭଳି ବିଭିନ୍ନ କାର୍ଯ୍ୟକ୍ରମର ଭରପୁର ମଜା ନେଇଥିଲେ। ଏହାପରେ କଳାକାର ଶୈଳେନ୍ଦ୍ର ଓ ଗାୟିକା ଦୀପ୍ତିରେଖା

## ● ଶୈଳେନ୍ଦ୍ର ଓ ଦୀପ୍ତିରେଖା ନଚାଇଲେ

ଦର୍ଶକଙ୍କୁ ମତୁଆଲା କରାଇବା ସହ ନଚାଇଥିଲେ। ଶୀତୁଆ ସନ୍ଧ୍ୟାରେ ଦର୍ଶକ ମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଭରପୁର ମଜା ଉଠାଇ ଥିଲେ। ଆୟୋଜିତ ଏହି ଦ୍ୱିତୀୟ ଦିବସ ସନ୍ଧ୍ୟାରେ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ସମସ୍ତ ବ୍ଲକ ଚେୟାରମ୍ୟାନ, ମାଲକାନଗିରି ପୌର ଅଧକ୍ଷ ମନୋଜ କୁମାର ବାରିକ ଓ ବାଲିମେଳା ନଗର ଅଧକ୍ଷ ପ୍ରଦୀପ ନାୟକ ମଞ୍ଚାସୀନ ହୋଇଥିଲେ। ମାଲ୍ୟବନ୍ତ ପଡିଆରେ ଖୋଲା ଯାଇଥିବା ୧୨୦ଟି ବିଭିନ୍ନ ଦୋକାନ ଓ ପ୍ରଦର୍ଶନୀର ଭରପୁର ମଜା ନେଇଥିଲେ ଦର୍ଶକ। ଦର୍ଶକଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ମାଲ୍ୟବନ୍ତ ମଣ୍ଡପ ସହିତ ଜିଲ୍ଲାରେ କଡ଼ା ପୁଲିସ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଟ୍ରାଫିକ ବ୍ୟବସ୍ଥାରେ ମଧ ବ୍ୟାପକ ପଦକ୍ଷେପ ନିଆଯାଇଛି।

# ଜୁନିଅର ରେଡ୍‌କ୍ରସ ତାଲିମ ଶିବିର ଉଦ୍‌ଯାପିତ




ରାୟଗଡା/ଜେକେପୁର,୨।୨(ସମିସ): ରାୟଗଡ଼ା ଜିଲ୍ଲା ଶିକ୍ଷା ବିଭାଗର ଅଧୀନରେ ଥିବା ପେଣ୍ଟା ପିଏମସି ସରକାରୀ ଉଚ୍ଚବିଦ୍ୟାଳୟରେ ଗତ ଜାନୁଆରୀ ୩୧ ତାରିଖରୁ ଆରମ୍ଭ ହୋଇଥିବା ଜୁନିଅର ରେଡକ୍ରସ କ୍ୟାମ୍ପର ତାଲିମ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଗତ ଜାନୁଆରୀ ୩୧ ତାରିଖ ଦିନ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ (ଏକାଡେମିକ) ଶ୍ରୀମତୀ ସସ୍ମିତା ବେହେରା ଯୋଗ ଦେଇଥିବା ବେଳେ ଜିଲ୍ଲା ଶାରୀରିକ ନିରୀକ୍ଷକ ହରିହର ପାତ୍ର ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମନୋଜ କୁମାର ଗୌଡ଼ ସଭାପତିତ୍ୱ କରିଥିଲେ। ଏହି ତାଲିମ ଶିବିରରେ ରାୟଗଡ଼ା ଜିଲ୍ଲାର ୭ ୯ ଉଚ୍ଚବିଦ୍ୟାଳୟର ୨୭୨ ଜଣ ଛାତ୍ରଛାତ୍ରୀ ଓ ଗାଇଡ୍ ଶିକ୍ଷକ ଯୋଗଦେଇଥିଲେ। ଏହି ତାଲିମ ଶିବିରରେ ପ୍ରାଥମିକ ଉପଚାର ,ବିପର୍ଯ୍ୟୟ ପରିଚାଳନା, ରେଡକ୍ରସ୍‌ର ଇତିହାସ ଏଚଆଇଭି ଏଡ୍ସର ନିରାକରଣ, ଯୋଗ ,ଜଳବାୟୁ ପରିବର୍ତ୍ତନର ପ୍ରଭାବ, ସଡ଼କ ସୁରକ୍ଷା, ରକ୍ତଦାନ, ବିଷୟରେ ତାଲିମ ଦିଆଯାଇଥିଲା। ଏଥିରେ ସାଧନ କର୍ମୀ ଭାବେ ଗୁଣୁପୁର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଭେଙ୍କଟରମଣ ପଟ୍ଟନାୟକ, ଗୋପିନାଥ କାଡ୍ରକା,ଶ୍ରୀମତୀ ଅଞ୍ଜନା ସାହୁ,ତାପସ ଦଳାଇ ଓ ପ୍ରାଥମିକ ଉପଚାର ବିଷୟରେ ପ୍ରସନ୍ନ କୁମାର ଦାସ ତାଲିମ ଦେଇଥିଲେ। ସେହିପରି ୩ୟ ଦିବସରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ସ୍କିମ୍ ଶ୍ରୀମତୀ ଶାନ୍ତିଲତା ମୁନି ଓ ଜିଲ୍ଲା ରେଡ କ୍ରସ୍ ଅଧିକାରୀ ପ୍ରସନ୍ନ ଦାସ, ଜିଲ୍ଲା ଶାରୀରିକ ନିରୀକ୍ଷକ ହରିହର ପାତ୍ର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜିଲ୍ଲା ରେଡ୍‌କ୍ରସ ସାଧାରଣ ସମ୍ପାଦକ ମନୋଜ କୁମାର ଗୌଡ଼ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ଅମ୍ବିକା ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ କରିଥିଲେ।

# ଶବର ସାଂସ୍କୃତିକ ସଂଘର ସମାବେଶ

ଗୁଣୁପୁର, ୨।୨(ସମିସ): ଗୁଣୁପୁର ଶବର ସାଂସ୍କୃତିକ ସଂଘ ଆନୁକୂଲ୍ୟରେ ଶବର ସମାଜ ମହାସଂଘର ସମାବେଶ ତଥା ବନ୍ଧୁମିଳନ କେନ୍ଦୁଗୁଡ଼ା ଡ୍ୟାମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନରେ ଯୋଗ ଦେବା ପାଇଁ ଓଡ଼ିଶାର ୧୪ ଟି ଜିଲ୍ଲାରୁ ଶବର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ଭୁବନେଶ୍ୱରରୁ ଶବର ସମାଜ ମହାସଂଘର ସଭାପତି ବିଦ୍ୟାଧର ଦେହୁରୀ, ଉପସଭାପତି ଅଞ୍ଜଳି ସ୍ୱାଇଁ (ଖୋର୍ଦ୍ଧା) ଓ ସୋମନାଥ ଖମାରୀ (ନୂଆପଡା) ସାଧାରଣ ସମ୍ପାଦକ ଯଥା ବିଶ୍ୱାଳ (ବଲାଙ୍ଗୀର), ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର (ପୁରୀ ) ଓ ନୃପମଣି ରାଉତ (ଝାରସୁଗୁଡ଼ା) ଉପଖଣ୍ଡ ସଭାପତି ରାହାସ ବିହାରୀ ଭୋଇ, ରାଜ୍ୟ ସଂଯୋଜକ ତାପସ କୁମାର ଭୋଇ, ନବରଙ୍ଗପୁରରୁ ଜଗଜ୍ଜୀବନ ନାଏକ, ଅବସରପ୍ରାପ୍ତ ଏଡିଏମ୍ ଭୀମସେନ୍ ଶବର, ଅବସରପ୍ରାପ୍ତ ଓଡ଼ିଆ ପ୍ରଫେସର ରୋହିଦାସ ଶବର, ଭୁବନେଶ୍ୱରରୁ ମମତା ଦେହୁରୀ, ଇଙ୍ଗ୍ଲଣ୍ଡ ରେ ଗୋବେଷଣାରତ ସୁଶ୍ରୀ ଐଶ୍ୱର୍ଯ୍ୟା ପ୍ରୀୟଦର୍ଶିନୀ, ପୁରୀରୁ କାହ୍ନୁ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦୀପ ପ୍ରଜ୍ୱଳନ ପରେ ସୌରା ଭାଷାରେ ମଉାରବନମ୍‌ଙ୍କ ଭଜନ ଗାନ କରାଯାଇଥିଲା। ଅତିଥିମାନଙ୍କୁ ଫୁଲମାଳ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଡ. ଗିରିଧର ଗମାଙ୍ଗ ତାଙ୍କ ବକ୍ତବ୍ୟରେ ଲକ୍ଷ୍ୟ ହାସଲ କରିବା ପାଇଁ ନିରନ୍ତର ଚେଷ୍ଟା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଶବର ସମାଜ ମହାସଂଘର ସଭାପତି ବିଦ୍ୟାଧର ଦେହୁରୀ ଶବର ଭାଷା, ଶବର ଜାତିର ପରିଚୟ ଏବଂ ଏହାକୁ ଅପଣେଇବାକୁ ସମସ୍ତ ଶବର



ଭାଇଭଉଣୀ ମାନେ ଗୁରୁତର ସହିତ ଚିନ୍ତା କରିବା ଦରକାର ବୋଲି କହିଥିଲେ। ବିଶାଳ ରାଜ୍ୟ ସ୍ତରୀୟ ଶବର ସମାଜ ଗଠନର ରୂପ ରେଖ ବିଷୟରେ ବୁଝାଇଥିଲେ। ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସୋମନାଥ ଖମାରୀ ସୌରା ଭାଷା କୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଶବର ସମାଜ ମହାସଂଘ ର ପ୍ରଥମ ଦାୟିତ୍ୱ ରହିବ ବୋଲି କହିଥିଲେ। ପ୍ରକାଶ ଚନ୍ଦ୍ର ପାତ୍ର ରାଜ୍ୟ ସ୍ତରୀୟ ଶବର ସମାଜ ମହାସଂଘ ଗଠନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସୁଶ୍ରୀ ଐଶ୍ୱର୍ଯ୍ୟା ପ୍ରୀୟଦର୍ଶିନୀ ଶବର ଭାଷା ରେ ଭଜନ ଗାନ ଶୁଣି ଆଭୀଭୂତ ହୋଇ ଥିବା ପ୍ରକାଶ କରିଥିଲେ ଏବଂ ଶବର ଭାଷା ଶିଖିବା ପାଇଁ ଆଗ୍ରହ ରହିଥିବା କହିଥିଲେ। ଏହାପରେ ମୋହନ ଶବର ଓ ୟୁମ୍ପିଙ୍ଗ୍ ଶବରଙ୍କ ରଚିତ ସୌରା ଗୀତର କ୍ୟାସେଟ ମଞ୍ଚାସୀନ ଅତିଥି ମାନଙ୍କ ହାତରେ ଉନ୍ମୋଚନ କରାଯାଇଥିଲା। ଏଙ୍ଗେର୍ବା ସ୍ଥିତ ଏସ୍‌ପି ମାଙ୍ଗାଇ ଆଶ୍ରମ ତଥା ଅନ୍ୟାନ୍ୟ ସ୍କୁଲର କୁନି କୁନି ପିଲାମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମାବେଶର ସମସ୍ତ ସହଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ସଙ୍ଗୀତ ଚୌକି ପ୍ରତିଯୋଗିତାର ବିଜୟିନୀ ମହିଳା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶବର ସାଂସ୍କୃତିକ ସଂଘ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ବିଦ୍ୟାଧର ଶବର, ବଳରାମ ଶବର, ରାମଚନ୍ଦ୍ର ଗମାଙ୍ଗ, ଆରସୀ ଶବର, ଜଗଦୀଶ ଗମାଙ୍ଗ ଓ ବିକ୍ରମ ଗମାଙ୍ଗ ଏବଂ ରେଗଡା, ପୁଟାସିଙ୍ଗ୍, କୁଜେନ୍ଦ୍ରୀ, ସାଲକମ୍ବା ପଞ୍ଚାୟତର ସରପଞ୍ଚ ମାନେ ମଞ୍ଚ ସାଜସଜ୍ଜାରେ ପ୍ରଧାନ ଭୂମିକା ଗ୍ରହଣ କରିଥିଲେ। ଚକ୍ରପାଣି ଶବର ମଞ୍ଚ ପରିଚାଳନା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୯୯ ● ପାଉଣ୍ଡ ୧୨୭.୧୪
- ୟୁରୋ ୧୧୦.୧୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୦,୪୦୦ (ଭୁବନେଶ୍ୱର)
- ରୁପା : ୨,୯୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୬୬୬.୦୦
- ନିଫ୍ଟି ୨୫,୦୮୮.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ନୂଆ-ପୁରୁଣା ଦୁଇ ବ୍ୟବସ୍ଥାରେ ଟିକସ ଅସୁଲି

ନୂଆଦିଲ୍ଲୀ,୨।୨(ଏଜେନ୍ସି)



**୨୦୦୪ରେ ଏଲ୍‌ଟିସିଜି ହଟାଇ ଆସିଥିଲା ଏସ୍‌ଟିଟି**

ଚଳିତଥର ବଜେଟରେ କେନ୍ଦ୍ର ସରକାର ଷ୍ଟକ୍ ବଜାର ବ୍ୟବସାୟୀଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି। ସରକାର ଡେରିଭେଟିଭ୍ସ ବଜାର, ଅର୍ଥାତ୍, ଫ୍ୟୁଚର୍ସ ଏବଂ ଅପ୍‌ସନ୍ (ଏଫ୍‌ଆଣ୍ଡଓ) ଉପରେ ଲାଗୁ ହେଉଥିବା ସୁରକ୍ଷା କାରବାର ଟିକସ (ଏସ୍‌ଟିଟି)ରେ ଯଥେଷ୍ଟ ବୃଦ୍ଧି ଘଟାଇବାକୁ ପ୍ରସ୍ତାବ ଦେଇଛନ୍ତି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ପୁଞ୍ଜି ବଜାରରେ ସକ୍ରିୟ ଟ୍ରେଡରଙ୍କ ପାଇଁ କାରବାର ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇବ। ଗତବର୍ଷର ବଜେଟରେ ମଧ୍ୟ ସରକାର ଦୀର୍ଘକାଳୀନ ପୁଞ୍ଜି ଲାଭ ଏବଂ ସ୍ୱଳ୍ପକାଳୀନ ପୁଞ୍ଜି ଲାଭ ଟିକସରେ ବୃଦ୍ଧି ଘଟାଇଥିଲେ। ଏହାପରେ ଏବେ ବଜାରରେ ସକ୍ରିୟ ଟ୍ରେଡର ଏବଂ ବ୍ରୋକରେଜ୍ ହାଉସ୍‌ଗୁଡିକର ଚିନ୍ତା ହେଉଛି ଯେ, ଜଣେ ଟ୍ରେଡର ଆଉ କେତେ ଟିକସ ଦେବ। କାରଣ ୨୦୦୪ ଅକ୍ଟୋବର ପହିଲାରେ ତତ୍କାଳୀନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ଷ୍ଟକ୍ ବଜାରରେ ହେଉଥିବା ଲାଭ ଉପରେ ଦୀର୍ଘକାଳୀନ ପୁଞ୍ଜି ଲାଭ (ଏଲ୍‌ଟିସିଜି) ଟିକସ ଉଚ୍ଛେଦ କରିଥିଲେ। ଏହା ବଦଳରେ ସେ ପ୍ରତିଭୂତି କାରବାର ଟିକସ (ଏସ୍‌ଟିଟି) ପ୍ରଚଳନ କରିଥିଲେ। ଏଥିରେ ଯୁକ୍ତି ଥିଲା ‘ଲାଭ ଉପରେ ଟିକସ ଛାଡ଼, ପ୍ରତ୍ୟେକ କାରବାର ଉପରେ ଟିକସ ଦିଅ’। ୧୪ ବର୍ଷ ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଚାଲିଥିଲା, କିନ୍ତୁ ୨୦୧୮ ବଜେଟରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏଲ୍‌ଟିସିଜି ଟିକସ ପୁନଃସ୍ଥାପିତ କରିଥିଲେ। ଯୁକ୍ତି ଅନୁଯାୟୀ, ୨୦୦୪ରେ ଏସ୍‌ଟିଟିକୁ ଉଚ୍ଛେଦ କରାଯିବା ଉଚିତ ଥିଲା, କାରଣ ଏହା ଏଲ୍‌ଟିସିଜି ବଦଳରେ ପ୍ରଚଳନ କରାଯାଇଥିଲା। କେତେବେଳେ ଟ୍ରେଡରଙ୍କ ଉପରୁ ଟିକସ ହଟୁଛି ତ, କେତେବେଳେ ଲାଗୁ ହେଉଛି। ଏପରି କରି ଶେଷରେ ସରକାର ଏବେ ଟ୍ରେଡରଙ୍କଠାରୁ ଉଭୟ ଏଲ୍‌ଟିସିଜି ଏବଂ ଏସ୍‌ଟିଟି ଟିକସ ଅସୁଲ କରୁଛନ୍ତି।

୨୦୨୬ ବଜେଟରେ ନିବେଶକ ସମ୍ପ୍ରଦାୟ ଗତ କିଛି ବର୍ଷ ଧରି ବୃଦ୍ଧି କରାଯାଇଥିବା ଏସ୍‌ଟିଟି ଏବଂ ପୁଞ୍ଜି ଲାଭ ଟିକସ (ଏସ୍‌ଟିସିଜି/ଏଲ୍‌ଟିସିଜି)ରୁ କିଛି ଆଶ୍ୱସ୍ତି ପାଇବାକୁ ଆଶା କରୁଥିଲେ। କାରଣ ଗତ ଦେଢ଼ ବର୍ଷ ଧରି ପୁଞ୍ଜି ବଜାର ମନ୍ଥର ରହିବା ସହ ବିଦେଶୀ ନିବେଶକମାନେ ସେମାନଙ୍କର ପାଣ୍ଠି ପ୍ରତ୍ୟାହାର କରୁଛନ୍ତି। ତଥାପି, ଅର୍ଥମନ୍ତ୍ରୀ ଫ୍ୟୁଚର୍ସ ଏବଂ ଅପ୍‌ସନ୍ (ଏଫ୍‌ଆଣ୍ଡଓ) କାରବାର ଉପରେ ଏସ୍‌ଟିଟି ଅଢ଼େଇ ଗୁଣ ବୃଦ୍ଧି କରିଛନ୍ତି। ଏହି ପଦକ୍ଷେପ ପଛରେ ସରକାରଙ୍କ ଯୁକ୍ତି ଥିଲା ଖୁଚୁରା ନିବେଶକଙ୍କ ସୁରକ୍ଷା। ସେବି ତଥ୍ୟ ଅନୁଯାୟୀ, ଏଫ୍‌ଆଣ୍ଡଓ କାରବାରରେ ନିୟୋଜିତ ୯୫% ରୁ ଅଧିକ ଖୁଚୁରା ବ୍ୟବସାୟୀ ସେମାନଙ୍କର ଟଙ୍କା ହରାଇଥାନ୍ତି। ସୂଚନାଯୋଗ୍ୟ ଯେ, ପ୍ରତ୍ୟେକ କାରବାର ଉପରେ ଏସ୍‌ଟିଟି ଆଦାୟ କରାଯାଇଥାଏ। ଟ୍ରେଡର ଷ୍ଟକ୍ ବଜାରରେ ସେୟାର କିଣିବା କିମ୍ବା ବିକ୍ରି କିମ୍ବା ଏଫ୍‌ଆଣ୍ଡଓରେ ଏକ କଣ୍ଟ୍ରାକ୍ଟ କଲେ ସେହି କାରବାର ଉପରେ ଏକ ଶୁଳ୍କ ଦେଇଥାନ୍ତି। ଏହାକୁ ଏସ୍‌ଟିଟି କୁହାଯାଏ। ଏସ୍‌ଟିଟି ସ୍ୱୟଂଚାଳିତ ଭାବରେ ଟ୍ରେଡିଂ ଆକାଉଣ୍ଟରୁ କାଟି ବ୍ରୋକରଙ୍କ ଦ୍ୱାରା ସରକାରଙ୍କ ପାଖରେ ଜମା କରାଯାଏ।

**ବଜେଟ ୨୦୨୬-୨୭**

## ସମ୍ପୂର୍ଣ୍ଣ ମାଗଣା ହେବ ଡିଜିଟାଲ୍ କାରବାର




**ଦେବାକୁ ପଡ଼ିବନି ଅତିରିକ୍ତ ଦେୟ**

ନୂଆଦିଲ୍ଲୀ,୨।୨(ଏଜେନ୍ସି): ଗତ କିଛି ସମୟ ଧରି ଗୋଟିଏ ସମସ୍ୟା ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ) ବ୍ୟବହାରକାରୀଙ୍କୁ ଚିନ୍ତାରେ ପକାଇଥିଲା। ହେଉଛି ଭବିଷ୍ୟତରେ ୟୁପିଆଇ କାରବାର ପାଇଁ ସେମାନଙ୍କୁ ଅତିରିକ୍ତ ଦେୟ ଦେବାକୁ ପଡିବ କି ନାହିଁ। ଏହି ପ୍ରଶ୍ନ ଉଠିଥିଲା କାରଣ କିଛି ମାସ ପୂର୍ବରୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଥିଲେ ଯେ କିଛି ମାଗଣା ନୁହେଁ। ସରକାର ଭବିଷ୍ୟତରେ ଏଥିପାଇଁ ଦେୟ ନେବା ଆରମ୍ଭ କରିପାରନ୍ତି। କିନ୍ତୁ ବର୍ତ୍ତମାନ, ସରକାର ୨୦୨୬-୨୭ ବଜେଟରେ ଏହି ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି। ସରକାର କହିଛନ୍ତି ଯେ ଏହା ୟୁପିଆଇ କାରବାର ଉପରେ କୌଣସି ଟିକସ ଲାଗୁ ହେବ ନାହିଁ। କେନ୍ଦ୍ର ଆର୍ଥିକ ସେବା ସଚିବ ଏମ୍. ନାଗାରାଜୁ ସୋମବାର କହିଛନ୍ତି ଯେ ୟୁପିଆଇ ମାଧ୍ୟମରେ ମାଗଣା କାରବାର ସମ୍ଭବ ହେବ। ଏହାକୁ ସମର୍ଥନ କରିବା ପାଇଁ ବଜେଟରେ ୨୦୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟରେ ଲୋକପ୍ରିୟ ଡିଜିଟାଲ୍ ପେମେଣ୍ଟ ଆପ୍ ୟୁପିଆଇ ଏବଂ ରୂପେ ଡିବିଟ୍ କାର୍ଡ ପାଇଁ ୨୦୦୦ କୋଟି ଟଙ୍କାର ସବସିଡି ଘୋଷଣା କରିଥିଲେ।

**ଢେଙ୍କାନାଳ ପ୍ରକଳ୍ପର ସମ୍ପ୍ରସାରଣ**

## ବେଦାନ୍ତ ଆଲୁମିନିୟମ୍‌କୁ ସରକାର ଦେଲେ ଜମି ଆବଣ୍ଟନପତ୍ର




ଭୁବନେଶ୍ୱର, ୨।୨ (ସମିସ): ବେଦାନ୍ତ ଆଲୁମିନିୟମ୍ ଢେଙ୍କାନାଳରେ ଏହାର ପ୍ରକଳ୍ପର ସମ୍ପ୍ରସାରଣ କରିବାକୁ ଯୋଜନା ରଖିଛି। ଏଥିପାଇଁ କମ୍ପାନୀକୁ ରାଜ୍ୟ ସରକାର ଜମି ଆବଣ୍ଟନ ପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ) ହେମନ୍ତ ଶର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ସରକାର ବେଦାନ୍ତ ଆଲୁମିନିୟମ୍‌କୁ ୧,୪୪୭ ଏକରରୁ ଅଧିକ ଜମିର ଆବଣ୍ଟନ ପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶା ରଣନୈତିକ ଗସ୍ତରେ ଥିବାବେଳେ ଆବଣ୍ଟନ ପତ୍ର ପ୍ରଦାନ କରିଛନ୍ତି। ଏହି ଅଭିବୃଦ୍ଧି ପ୍ରକଳ୍ପଗୁଡ଼ିକ ବୃହତ ଉତ୍ପାଦନକୁ ସମର୍ଥନ କରିବା ତଥା ଡାଉନଷ୍ଟ୍ରିମ୍ ସୁଯୋଗକୁ ଅନଲକ୍ କରି ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହି ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଏହା ଭାରତର ଆଲୁମିନିୟମ ଯାତ୍ରାରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ। ଏହାର ପ୍ରଭାବ ଧାତୁ ଉତ୍ପାଦନ, ନିଯୁକ୍ତି ବୃଦ୍ଧି, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ଶକ୍ତିଶାଳୀ କରିବା ଏବଂ ଓଡ଼ିଶାରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଭିତିଭୂମିକୁ ସକ୍ଷମ କରିବ।

**ସେଣ୍ଟ୍ରାଲ ଓଡ଼ିଶା ଡିସ୍‌କମ୍‌ର କାର୍ଯ୍ୟଦକ୍ଷତା ଉପରେ ଆଇଆଇଟି ଭୁବନେଶ୍ୱରର ଅଧ୍ୟୟନ ରିପୋର୍ଟ**

## ବିଦ୍ୟୁତ୍ ସେବାର ବିଶ୍ୱସନୀୟତା ଓ କାର୍ଯ୍ୟକ୍ଷମତାକୁ ସ୍ୱୀକୃତି

ଭୁବନେଶ୍ୱର, ୨।୨ (ସମିସ): ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ବିଦ୍ୟୁତ ବିତରଣ କାର୍ଯ୍ୟଦକ୍ଷତା ଉପରେ ଏକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ବିତରଣ କ୍ଷେତ୍ରରେ ସଂସ୍କାର ପରବର୍ତ୍ତୀ ୫ ବର୍ଷ ମଧ୍ୟରେ ନେଟୱାର୍କ ବିଶ୍ୱସନୀୟତା, କାର୍ଯ୍ୟକ୍ଷମତା, ବୈଷୟିକ ହସ୍ତକ୍ଷେପ ଏବଂ ଗ୍ରାହକ ସେବା ପ୍ରଦାନ ପ୍ରକ୍ରିୟା କିଭଳି ବିକଶିତ ହୋଇଛି, ତାହା ଏହି ରିପୋର୍ଟରେ ଅନୁଧ୍ୟାନ କରାଯାଇଛି। ନିରନ୍ତର ପୁଞ୍ଜି ବିନିଯୋଗ, ନେଟୱାର୍କର ଆଧୁନିକୀକରଣ ଏବଂ ବିତରଣ ନେଟୱାର୍କରେ ଡିଜିଟାଲ୍ ବୈଷୟିକ ଜ୍ଞାନକୌଶଳର କ୍ରମାଗତ ବ୍ୟବହାର ଯୋଗୁଁ ମିଳିଥିବା ସୁଫଳକୁ ଏହି ଅଧ୍ୟୟନରେ ମୂଲ୍ୟାଙ୍କନ କରାଯାଇଛି। ଏହି ଅଧ୍ୟୟନଟି ଆଇଆଇଟି ଭୁବନେଶ୍ୱରରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଚନ୍ଦ୍ରଶେଖର ଭେଣ୍ଡେ, ଆସୋସିଏଟ୍ ପ୍ରଫେସର ଡକ୍ଟର ଚନ୍ଦ୍ରଶେଖର ପେରୁମାଲ୍ଲା ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଅଭିନୀତ ପ୍ରକାଶଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ରିପୋର୍ଟରେ ସଂସ୍କାର ସମୟର ପ୍ରାରମ୍ଭରେ ପ୍ରାୟ ୩୦% ଥିବା ଏଗ୍ରିଗେଟ୍ ଟେକ୍ନିକାଲ୍ ଆଣ୍ଡ କମର୍ସିଆଲ୍ (ଏଟିଆଣ୍ଡସି) କ୍ଷତି ଆର୍ଥିକବର୍ଷ ୨୦୨୫ ସୁଦ୍ଧା ୧୮.୯୪% କୁ ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ୩୩ କେଭି ଫିଡରରେ ୪୪% ଏବଂ ୧୧ କେଭି ଫିଡରରେ ୪୨% ବୃଦ୍ଧି ସହ ୨୫୦ଟି ସବ୍‌ଷ୍ଟେସନକୁ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସଂଯୁକ୍ତ କରାଯାଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ୧,୫୦୦ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ସବ୍‌ଷ୍ଟେସନ ଗୁଡ଼ିକର ସୁଦୃଢ଼ୀକରଣ, ଅଟୋମେସନ୍ ପରିସର ବୃଦ୍ଧି, ଡିଜିଟାଲ୍ ମନିଟରିଂ ପ୍ଲାଟଫର୍ମ ଏବଂ ସାମଗ୍ରିକ ନେଟୱାର୍କ ସ୍ଥିରତା ପାଇଁ ବ୍ୟୟ କରାଯାଇଥିବା ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରବିନ୍ଦ୍ ସିଂହ କହିଛନ୍ତି।




## ବଜେଟର ଦିନକ ପରେ ବଦଳିଲା ସେୟାର ବଜାର ମୁଡ୍

**ଉଠିଲା ସେନ୍‌ସେକ୍ସ-ନିଫ୍ଟି**

ନୂଆଦିଲ୍ଲୀ,୨।୨(ଏଜେନ୍ସି) : ବଜେଟ ଦିନ ରବିବାର କ୍ରାସ୍ କରିଥିଲା ସେୟାର ବଜାର। ଏଥିଯୋଗୁ ଗୋଟିଏ ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ବୃହତ୍ ୨୮୨୭ ପଏଣ୍ଟ ହ୍ରାସ ଘଟିଥିଲା। ଏଥିଯୋଗୁ ନିବେଶକ ହଜାର ହଜାର କୋଟି ଟଙ୍କା ହରାଇଥିଲେ। କିନ୍ତୁ ବଜେଟ ଉପସ୍ଥାପନର ଗୋଟିଏ ଦିନ ଅର୍ଥାତ୍ ସୋମବାର ବଦଳିଯାଇଛି ସେୟାର ବଜାରର ମୁଡ୍। ଉଭୟ ସେନସେକ୍ସ ଏବଂ ନିଫ୍ଟିରେ ବୃଦ୍ଧି ପରିଲକ୍ଷିତ ହୋଇଛି। ରେଡ୍ ଜୋନରେ ଓପନ ହେଲା ପରେ ସୋମବାର ବିଏସ୍‌ଇ ସେନସେକ୍ସ ୯୪୩ ପଏଣ୍ଟ ଉପରକୁ ଉଠିଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍‌ଟିରେ ମଧ୍ୟ ୨୬୨ ପଏଣ୍ଟ ବୃଦ୍ଧି ଘଟିଛି। ଏହାପରେ ନିଫ୍ଟି ସାମାନ୍ୟ ତଳକୁ ଖସିଛି।



ରବିବାର ଦେଶରେ ସାଧାରଣ ବଜେଟ୍ ଉପସ୍ଥାପନା ହୋଇଥିଲା। ଏଥିରେ ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟିକସ(ଏସ୍‌ଟିଟି)ରେ ବୃଦ୍ଧି ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଥିଲେ। ଏହାପରେ ନିଫ୍ଟି ଏବଂ ସେନସେକ୍ସ କ୍ରାସ୍ କରିଯାଇଥିଲା। ସରକାରଙ୍କ ଏହି ନିଷ୍ପତ୍ତି ଷ୍ଟକ୍ ବଜାରରେ ହାହାକାର ସୃଷ୍ଟି କରିବା ସହ ନିବେଶକଙ୍କ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା କ୍ଷତି ଆଣିଥିଲା। ସୋମବାର ବଜାର ଆରମ୍ଭରୁ କ୍ଷତିରେ ଥିଲା। ରବିବାର ସେନସେକ୍ସ ୮୦,୭୨୨ ପଏଣ୍ଟରେ ବନ୍ଦ ହୋଇଥିଲା। ହେଲେ ସୋମବାର ଏହା ୮୦,୫୫୫ ପଏଣ୍ଟରେ ଖୋଲି ପରେ ଏହା ୮୧,୬୬୬.୪୬ ପଏଣ୍ଟରେ କାରବାର ଶେଷ କରିଥିଲା।

## ୭୨ ଘଣ୍ଟାରେ ୧.୪୫ ଲକ୍ଷ କମିଲା ରୁପା




ନୂଆଦିଲ୍ଲୀ,୨।୨(ଏଜେନ୍ସି): କେବଳ ଫ୍ୟୁଚର୍ସ ବଜାରରେ ନୁହେଁ ବରଂ ଦିଲ୍ଲୀର ବୁଲିୟନ ବଜାରରେ ମଧ୍ୟ ସୁନା ଏବଂ ରୁପା ମୂଲ୍ୟ ହ୍ରାସ ଧାରା ଜାରି ରହିଛି। ସମ୍ପ୍ରତି ଘରୋଇ ବଜାରରେ ରୁପା ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ମାତ୍ର ତିନୋଟି କାବରାର ଦିବସ ବା ୭୧ ଘଣ୍ଟା ମଧ୍ୟରେ ରୂପା ମୂଲ୍ୟ କିଲୋ ପିଛା ୧.୪୫ ଲକ୍ଷ ଟଙ୍କା ହ୍ରାସ ଘଟିଛି। ଏହାରୁପା ମୂଲ୍ୟରେ ମଧ୍ୟ ୧୦ ଗ୍ରାମ ପିଛା ୩୦ ହଜାର ଟଙ୍କା ତଳକୁ ଖସିଛି। ବିଶ୍ୱ ବଜାରରେ କାରବାର ଅସ୍ଥିର ରହିବା ଏବଂ ଆମେରିକୀୟ ଡଲାର ଅଧିକ ସୁଦୃଢ଼ ହେବା ଫଳରେ ସୁନା ଓ ରୁପା ମୂଲ୍ୟରେ ହ୍ରାସ ଘଟିଛି।

**ସୁନା ୩୦ ହଜାର ଶସ୍ତା**

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସୁନା ଓ ରୁପା ମୂଲ୍ୟରେ ଏହି ହ୍ରାସ ଧାରା ଆଗକୁ ବନ୍ଦ ହେବ ନାହିଁ। ଆଗାମୀ ଦିନରେ ସୁନା ଏବଂ ରୂପା ମୂଲ୍ୟରେ ଆହୁରି ହ୍ରାସ ଦେଖାଯାଇପାରେ। ପୂର୍ବରୁ, ଜାନୁଆରୀ ୨୦ରେ ରୁପା ମୂଲ୍ୟ ସର୍ବାଧିକ ଥିଲା ୪ ଲକ୍ଷଟଙ୍କା ସ୍ତର ଅତିକ୍ରମ କରିଥିଲା। ଏହାପରେ ଫେଡ୍ ଅଧ୍ୟକ୍ଷ ପଦ ପାଇଁ କେଭିନ୍ ୱାର୍ଶଙ୍କ ନାମ ଘୋଷଣା ହେବା ମାତ୍ରେ ସୁନା ଏବଂ ରୂପାର ମୂଲ୍ୟ ବୃଦ୍ଧି ପାଇଥିଲା। ପରବର୍ତ୍ତୀ ସମୟରେ ସୁନା ଏବଂ ରୂପା ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇବା ଆରମ୍ଭ କରିଥିଲା। ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ଅନୁଯାୟୀ, ଦିଲ୍ଲୀରେ ରୁପା ମୂଲ୍ୟ କିଲୋ ପିଛା ୫୨,୦୦୦ ଟଙ୍କା କିମ୍ବା ପ୍ରାୟ ୧୭ ପ୍ରତିଶତ ହ୍ରାସ ପାଇ ୨,୬୦,୦୦୦ ଟଙ୍କାରେ ପହଞ୍ଚିଛି। ଶନିବାର ଏଥିରେ ୧୯ ପ୍ରତିଶତ କିମ୍ବା ୭୨,୫୦୦ ଟଙ୍କା ହ୍ରାସ ପାଇ ପ୍ରତି କିଲୋଗ୍ରାମ ୩.୧୨ ଲକ୍ଷ ଟଙ୍କା ରହିଥିଲା। ଏମିତିକି ତିନୋଟି ଅଧିବେଶନରେ ରୁପା ମୂଲ୍ୟ ଜାନୁଆରୀ ୨୯ରେ ରେକର୍ଡ ସର୍ବକାଳୀନ ୪,୦୪,୫୦୦ ଟଙ୍କାରୁ ୧,୪୪,୫୦୦ ଟଙ୍କାକୁ କିମ୍ବା ପ୍ରାୟ ୩୬ ପ୍ରତିଶତ ହ୍ରାସ ପାଇଛି।

ସେହିପରି ନୂଆଦିଲ୍ଲୀରେ ୯୯.୯ ପ୍ରତିଶତ ଶୁଦ୍ଧ ସୁନା ମୂଲ୍ୟ ମଧ୍ୟ ସୋମବାର ଦିନ ହ୍ରାସ ପାଇ ପ୍ରତି ୧୦ ଗ୍ରାମ ପିଛା ୧,୫୨,୭୦୦ ଟଙ୍କାରେ ପହଞ୍ଚିଛି। ପୂର୍ବ ଅଧିବେଶନରେ ଏହା ପ୍ରତି ୧୦ ଗ୍ରାମ ୧,୬୫,୫୦୦ ଟଙ୍କାରେ ସ୍ଥିର ହୋଇଥିଲା। ଗତ ତିନୋଟି ଅଧିବେଶନରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୮୩,୦୦୦ ଟଙ୍କାରେ ପହଞ୍ଚିଥିବା ରେକର୍ଡ ସର୍ବୋଚ୍ଚ ସ୍ତରରୁ ୩୦,୩୦୦ ଟଙ୍କା କିମ୍ବା ପ୍ରାୟ ୧୭ ପ୍ରତିଶତ ହ୍ରାସ ପାଇଛି। କାରଣ ନିବେଶକମାନେ ଏହାର ମୂଲ୍ୟରେ ଏକ ବିରାଟ ବୃଦ୍ଧି ପରେ ପ୍ରଫିଟ୍ ବୁକିଂ କରିବାରେ ଲାଗିପଡିଥିଲେ। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ୧,୫୩,୦୧୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୪୦,୪୦୦ ଟଙ୍କାକୁ ଖସିଆସିଛି। ତେବେ ରୁପା କିଲୋ ପିଛା ୩,୫୦,୦୦୦ ଟଙ୍କାରୁ ଆଜି ଗୋଟିଏ ଦିନରେ ୨,୯୫,୦୦୦ ଟଙ୍କାକୁ ହ୍ରାସ ଘଟିଛି।

**ନିଶାଡିଙ୍କୁ ଟେନସନ୍ ନୂଆ ଟିକସ**

## ୫୫ ଟଙ୍କା ମହଙ୍ଗା ହେଲା ସିଗାରେଟ୍

ନୂଆଦିଲ୍ଲୀ,୨।୨(ଏଜେନ୍ସି): ନୂଆ ଉତ୍ପାଦ ଶୁଳ୍କ ଲାଗୁ ହେବା ପରେ ଏହାର ପ୍ରଭାବ ସିଧାସଳଖ ସିଗାରେଟ୍ ଉପରେ ପଡିବ। ଏହାପରେ ୧୦ଟି ସିଗାରେଟ୍ ଥିବା ପ୍ୟାକେଟ୍‌ର ଦାମ୍ ଅତି କମ୍‌ରେ ୨୨ରୁ ୨୫ ଟଙ୍କାକୁ ବୃଦ୍ଧି ପାଇବ। କାରଣ ସରକାର ଦୀର୍ଘ ୭ବର୍ଷ ପରେ ପ୍ରଥମ ଥର ସିଗାରେଟ୍ ଉପରେ ଟିକସ୍ ବୃଦ୍ଧି କରିଛନ୍ତି। ସ୍ୱାସ୍ଥ୍ୟକୁ ନଜରରେ ରଖି ଟିକସ ବୃଦ୍ଧି କରାଯାଇଛି। ବର୍ଦ୍ଧିତ ଦାମ୍ ସିଗାରେଟର ଆକାର ଏବଂ ପ୍ରକାର ହିସାବରେ ପୃଥକ ପୃଥକ ରହିବ। ବ୍ୟବସାୟୀଙ୍କ କହିବାନୁସାରେ, ଦାମୀ ସିଗାରେଟ୍ ଯାହା ୭୬ ମିଲିମିଟର ତାହାର ଦାମ୍ ୫୦ରୁ୫୫ ଟଙ୍କା ବଢିଯିବ। ପ୍ୟାକେଟ୍ ପିଛା ଏହି ଦାମ୍ ବଢିବ। ତେବେ କମ୍ପାନୀମାନେ ନୂଆ ରେଟ୍ ଜାରି କରିନାହାଁନ୍ତି। ଏବେ ବ୍ୟବସାୟୀ ପୁରୁଣା ମୂଲ୍ୟରେ ବିକ୍ରି କରୁଛନ୍ତି। ସେମାନେ ଆଶା କରୁଛନ୍ତି ଯେ, ରବିବାର ପାଇକାରୀ ବଜାର ବନ୍ଦ ଥିଲା। ରିପୋର୍ଟ ଅନୁସାରେ, ଓ୍ୱିଲିସ୍ ନାଭି କଟ୍ ସିଗାରେଟ୍ ଯାହାକି୭୬ମିମି ଲମ୍ବା ତାହାର ଦାମ୍ ହେଉଛି ପ୍ୟାକେଟ୍ ପିଛା ୯୫ଟଙ୍କା। ମୂଲ୍ୟ ବୃଦ୍ଧି ପରେ ଏହାର ଦାମ୍ ୧୨୦ଟଙ୍କାରେ ପହଁଞ୍ଚିଯିବ। ୮୪ ମିମି ଲମ୍ବର ସିଗାରେଟ୍ ଯେପରିକି ଗୋଲ୍ଡ ଫ୍ଲେକ୍ସ କିଙ୍ଗ୍, ଲାଇଟ୍ ଓ୍ୱିଲି କ୍ଲାସିକ୍, ଓ୍ୱିଲି କ୍ଲାସିକ୍ ମିଲ୍ଡର ପ୍ୟାକେଟ୍ ଏବେ ୧୭୦ଟଙ୍କାରେ ମିଳୁଛି। ନୂଆ ଦାମ୍ ଲାଗୁ ହେଲା ପରେ ଏହା ୨୨୦-୨୨୫ ଟଙ୍କା ହୋଇଯିବ। ଅନ୍ୟ ଦିଗରେ ଖୁବ୍ ପତଳା ସିଗାରେଟ୍ ଯେପରିକି କ୍ଲାସିକ୍ କନେକ୍ଟ ଯାହାର ଲମ୍ବ୍ୱ୯୫ମିମି ତାହା ଏବେ ୩୦୦ଟଙ୍କାରେ ମିଳୁଛି। ଏହାର ପ୍ୟାକେଟରେ୨୦ଟି ସିଗାରେଟ୍ ରହୁଛି। ଆଗକୁ ଏହା ୩୫୦ ଟଙ୍କାରେ ବିକ୍ରି ହେବ।

**ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ଆମେରିକାକୁ ଟପିଲା ଭାରତ**

## ବଦଳୁଛି ପାୱାର ବାଲାନ୍ସ: ମସ୍କ

ନୂଆଦିଲ୍ଲୀ,୨।୨ (ଏଜେନ୍ସି)




ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ୨୦୨୬ରେ ଭାରତର ଭୂମିକା ଆମେରିକାଠାରୁ ଉପରେ ରହିଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଏହି ତଥ୍ୟ ଶେୟାର କରିବା ପରେ ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି ବିଶ୍ୱର ନମ୍ବର ୱାନ ଧନୀ ବ୍ୟକ୍ତି ତଥା ଟେସ୍‌ଲା ସିଇଓ ଏଲନ ମସ୍କ। ତାଙ୍କ ମେସେଜ୍‌ରେ ଏମିତି କିଛି ଲେଖା ହୋଇଛି ଯେ, ଏହା ପଢ଼ିବା ପରେ ହୁଏତ ଡୋନାଲ୍ଡ ଟ୍ରମ୍ପଙ୍କର ନିଦ ଉଡ଼ିଯାଇପାରେ। ଆଇଏମଏଫ୍ ଜାନୁଆରୀ ମାସରେ ଆକଳନ କରି ବିଶ୍ୱ ବାସ୍ତବ ଜିଡିପି ଅଭିବୃଦ୍ଧିରେ ଯୋଗଦାନ ଦେଉଥିବା ଶ୍ରୀର୍ଷ ୧୦ ଦେଶର ତାଲିକା ଜାରି କରିଥିଲା। ଏହି ତାଲିକାରେ ଭାରତ ଆମେରିକାଠାରୁ ଆଗରେ ଓ ଚୀନ୍‌ଠାରୁ ପଛରେ ରହିଛି।

**ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ରିପୋର୍ଟ**

ଆଇଏମଏଫ୍ ଜାରି କରିଥିବା ସୂଚୀରେ ଚୀନ୍ ଏବଂ ଭାରତ ମିଳିତ ଭାବରେ ଚଳିତ ବର୍ଷ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିର ୪୩.୬ ପ୍ରତିଶତ ଅବଦାନ ଦେବେ ବୋଲି ଆକଳନ କରାଯାଇଛି। ଯେଉଁଥିରେ କେବଳ ଭାରତ ୧୭% ପ୍ରତିଶତ ଯୋଗଦାନ ରଖିବ। ଅନ୍ୟପଟେ ଯୁକ୍ତରାଷ୍ଟ୍ର ଆମେରିକା ମାତ୍ର ୯.୯ ପ୍ରତିଶତ ଅବଦାନ ରଖିବ ବୋଲି ଆଶା ଆଇଏମ୍‌ଏଫ୍ ଆକଳନ କରିଛି। ଏଲନ ମସ୍କ ଆଇଏମଏଫର ଏହି ଚାର୍ଟ ଶେୟାର କରି ଲେଖିଛନ୍ତି ‘ଶକ୍ତି ସନ୍ତୁଳନ ବଦଳୁଛି’। ଅର୍ଥାତ୍ ସେ ବୋଧେ ଏୟା କହିବାକୁ ଚାହୁଁଛନ୍ତି ଯେ ପାୱାର ଏବେ ଧୀରେ ଧୀରେ ଆମେରିକା ହାତରୁ ଯାଇ ଚୀନ ଓ ଭାରତ ଆଡ଼କୁ ଆସୁଛି। ବିଶେଷ କରି ଭାରତ ଜିଡିପି ଅଭିବୃଦ୍ଧି ଆକଳନରେ ଆମେରିକା ଉପରେ ରହିବା ହୁଏତ ମସ୍କ ଓ ଟ୍ରମ୍ପ ସରକାରଙ୍କୁ ହଜମ ହୋଇ ନପାରେ। ବାଣିଜ୍ୟ ଉତ୍ତେଜନା ଏବଂ ମୁଦ୍ରାସ୍ଫୀତି ଧାରା ନିୟନ୍ତ୍ରଣ ମଧ୍ୟରେ ବିଶ୍ୱ ଅର୍ଥନୀତିରେ ବଡ ପରିବର୍ତ୍ତନ ହୋଇଛି। ଏବେ କ୍ଷମତା ପଶ୍ଚିମରୁ ହଟି ପୂର୍ବ ଦିଗକୁ ପରିବର୍ତ୍ତନକୁ ହେଉଛି। ଯାହାକୁ ଟାର୍ଗେଟ୍ କରି ମସ୍କ କହିଛନ୍ତି ‘ଶକ୍ତି ସନ୍ତୁଳନ ପରିବର୍ତ୍ତନ ହେଉଛି’।

## ବିନା ସୀମା ଶୁଳ୍କରେ ବିଦେଶରୁ ଆସିବ ଅଳଙ୍କାର

ନୂଆଦିଲ୍ଲୀ,୨।୨(ଏଜେନ୍ସି): ଏଣିକି ୭୫,୦୦୦ ଟଙ୍କା ମୂଲ୍ୟର ଅଳଙ୍କାର ବିନା ସୀମା ଶୁଳ୍କରେ ଭାରତ ଅଣାଯାଇପାରିବ। ରବିବାର ଜାରି ବ୍ୟାଗେଜ୍ ନିୟମ ୨୦୨୬ ଅଧିସୂଚନା ଅନୁସାରେ ବିମାନ ଯୋଗେ ହେଉ ଅଥବା ସମୁଦ୍ର ପଥରେ ଭାରତ ଆସୁଥିବା ଭାରତୀୟ ଅଥବା ଭାରତୀୟ ବଂଶୋଦଭବ ପର୍ଯ୍ୟଟକ ଏହି ମୂଲ୍ୟର ସାମାନ ଏବେ ନିଜ ସହ ଆଣି ପାରିବେ। ପୂର୍ବରୁ ଇମ୍ପୋର୍ଟେଡ ସାମଗ୍ରୀ ପାଇଁ ଏହି ସୀମା ୫୦,୦୦୦ ଟଙ୍କା ଥିଲା। ବିଦେଶ ଯାତ୍ରା ଓ ସମୟର ଆବଶ୍ୟକତା ଅନୁସାରେ ଏହି ବୃଦ୍ଧି ଲାଗୁ କରାଯାଇଛି। ଏ ନେଇ ପ୍ରକାଶିତ ନୋଟିସ୍‌ରେ କୁହାଯାଇଛି ଯେ ଭାରତ ଆସୁଥିବା ଯାତ୍ରୀ (ଶିଶୁ ମଧ୍ୟ ସାମିଲ) ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ଆବଶ୍ୟକ ଉପଯୋଗ ହେଉଥିବା ବ୍ୟକ୍ତିଗତ ସାମାନ ଓ ଯାତ୍ରୀ ସ୍ମୃତି ଚିହ୍ନ ଯାହା ତାଙ୍କ ବାସ୍ତବିକ ବ୍ୟାଗେଜରେ ରହିଛି, ତାହା ବିନା ଶୁଳ୍କରେ ନେଇ ଯିବାକୁ ଅନୁମତି ଅଛି। ନୂଆ ବ୍ୟାଗେଜ ନିୟମ ଫେବୃଆରୀ ୨ ମଧ୍ୟ ରାତ୍ରରୁ ସାରା ଦେଶରେ ଲାଗୁ ହୋଇଛି। ଏହି ନିୟମ ୨୦୧୬ରୁ କାର୍ଯ୍ୟକାରୀ ହେଉଥିବା ନିୟମର ସ୍ଥାନ ନେବ। ବିଦେଶୀ ପର୍ଯ୍ୟଟକଙ୍କ ନିମନ୍ତେ ମଧ୍ୟ ନିୟମରେ ପରିବର୍ତ୍ତନ କରାଯାଇଛି। ଭାରତ ଆସୁଥିବା ଯାତ୍ରୀଙ୍କ ୨୫ ହଜାର ଟଙ୍କା ମୂଲ୍ୟର ସାମାନ ଏବେ ଶୁଳ୍କ ମୁକ୍ତ ହୋଇଯାଇଛି। ପୂର୍ବରୁ ଏହା ୧୦ ହଜାର ଟଙ୍କା ସାମଗ୍ରୀ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଥିଲା। ସେହିପରି ଆଭୂଷଣ ନିମନ୍ତେ ଏକ ଅଲଗା ସୀମା ନିର୍ଦ୍ଧାରିତ ହୋଇଛି। ୧ ବର୍ଷରୁ ଅଧିକ ସମୟ ଧରି ବିଦେଶରେ ବସବାସ କରୁଥିବା ଭାରତୀୟ ଓ ପର୍ଯ୍ୟଟକଙ୍କ ନିମନ୍ତେ ୪୦ ଗ୍ରାମ ପର୍ଯ୍ୟନ୍ତ ଆଭୂଷଣ ଶୁଳ୍କ ମୁକ୍ତ ରହିବ। ତେବେ ଏହି ସୀମା ମହିଳା ଯାତ୍ରୀଙ୍କ ନିମନ୍ତେ, ଅନ୍ୟ ଯାତ୍ରୀଙ୍କ ନିମନ୍ତେ ଏହି ସୀମା ୨୦ ଗ୍ରାମ । ଏଥିରେ ଆଭୂଷଣର ସ୍ପଷ୍ଟ ପରିଭାଷା ଯେପରି ସୁନା, ରୂପା, ପ୍ଲାଟିନମ ଓ ଅନ୍ୟ ମୂଲ୍ୟବାନ ଧାତୁ ମଧ୍ୟ ରହିଛି।

